RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -142 | ସଂଖ୍ୟା-୧୪୨
ଭୁବନେଶ୍ୱର, ଶନିବାର ୧୫ ଅଗଷ୍ଟ ୨୦୨୬
Bhubaneswar, Saturday 15 August, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



୮୦ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା

# ଭାରତର ସମ୍ବିଧାନ ଜନସହଭାଗିତାର ଆଧାର ଉପରେ ପ୍ରତିଷ୍ଠିତ

ନୂଆଦିଲ୍ଲୀ, ୧୪।୮ (ପିଆଇବି): ଆମ ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ,ଏହି ଜାତୀୟ ପର୍ବ ଅବସରରେ ମୁଁ ଆପଣ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଆଉ କିଛି ଘଣ୍ଟା ପରେ ଆମ ଦେଶ ସ୍ୱାଧୀନତାର ୮୦ତମ ବର୍ଷ ଶୁଭାରମ୍ଭ ହେବ। ଦେଶ ଏବଂ ବିଦେଶରେ ରହୁଥିବା ସମସ୍ତ ଭାରତୀୟ ଏହି ପର୍ବକୁ ଅତ୍ୟନ୍ତ ଆନନ୍ଦଉଲ୍ଲାସର ସହ ପାଳନ କରନ୍ତି। ଆମ ତ୍ରିରଙ୍ଗା ଆମ ସ୍ୱାଧୀନତାର ପ୍ରତୀକ। ଆମେ ଅତ୍ୟନ୍ତ ଗର୍ବର ସହ ଏହାକୁ ଉତ୍ତୋଳନ କରୁ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତମାତା ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହୋଇଥିଲା। ସବୁ ଦେଶବାସୀ ସ୍ୱାଧୀନ ଭାରତର ଭାଗ୍ୟ ଗଠନର ନିର୍ମାତା ହୋଇଥିଲେ। ସ୍ୱାଧୀନତାର ସାର୍ଥକତା ହେଉଛି, ସବୁ ନାଗରିକ ଯେପରି ନିଜର ଆକାଂକ୍ଷା ଓ ସ୍ୱପ୍ନ ପୂରଣ ପାଇଁ ଉପଲବ୍ଧ ସୁଯୋଗର ସଦୁପଯୋଗ କରିପାରିବେ ଏବଂ ଭାରତକୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ଦିଗରେ କାର୍ଯ୍ୟ କରିପାରିବେ।

ସମର୍ପିତ ଛାତ୍ରଛାତ୍ରୀ ଓ ଶିକ୍ଷକ, ବିକାଶ ପାଇଁ ପ୍ରତିବଦ୍ଧ ବୈଜ୍ଞାନିକ ଓ ଇଞ୍ଜିନିୟର, ସ୍ୱାସ୍ଥ୍ୟସେବା ଯୋଗାଉଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ, ପରିଶ୍ରମୀ ଶ୍ରମିକ ଓ ଆମ ଅନ୍ନଦାତା କୃଷକ-ସମସ୍ତେ ନିଜ ନିଜ ପ୍ରୟାସ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଅବଦାନ ଦେଉଛନ୍ତି। ପ୍ରତିଭାବାନ କ୍ରୀଡ଼ାବିତ୍, କାରିଗର ଓ କଳାକାର, ଦୂରଦୃଷ୍ଟିସମ୍ପନ୍ନ ବୁଦ୍ଧିଜୀବୀ, ଘରୋଇ ଓ ସରକାରୀ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରୁଥିବା କର୍ମଚାରୀ, ସେବା ପାଇଁ ସମର୍ପିତ ଜନପ୍ରତିନିଧି, ନ୍ୟାୟ ବ୍ୟବସ୍ଥାରେ କାର୍ଯ୍ୟରତ ଅଧିକାରୀ, କର୍ତ୍ତବ୍ୟନିଷ୍ଠ ପ୍ରଶାସନିକ କର୍ମଚାରୀ, ଆମ ଅର୍ଥନୀତିରେ ଅବଦାନ ରଖୁଥିବା ବୃହତ ଓ କ୍ଷୁଦ୍ର ନିବେଶକ, ନିଃସ୍ୱାର୍ଥପର ସମାଜସେବୀ ଏବଂ ସ୍ୱଚ୍ଛତା ଅଭିଯାନରେ ଆଗରେ ରହି କାର୍ଯ୍ୟ କରୁଥିବା ସମସ୍ତ ସଫେଇ ମିତ୍ର-ସମସ୍ତେ ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ଅସଂଖ୍ୟ ନାଗରିକ ଏବଂ ଆମ ସମ୍ବିଧାନରେ ସ୍ଥାନ ପାଇଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକୁ ନିଷ୍ଠାର ସହ ପାଳନ କରୁଥିବା ପ୍ରତ୍ୟେକ ନାଗରିକ ହେଉଛନ୍ତି ଆମ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାର ସକ୍ରିୟ ଭାଗୀଦାର। ମୁଁ ସେମାନଙ୍କୁ ହାର୍ଦ୍ଦିକ ପ୍ରଶଂସା କରୁଛି ।ତିନି ସଶସ୍ତ୍ର ବାହିନୀ, ସଶସ୍ତ୍ର ପୁଲିସ ବଳ ଏବଂ ସମସ୍ତ ପୁଲିସ କର୍ମଚାରୀଙ୍କ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣକୁ ମୁଁ ବିଶେଷ ଭାବେ ପ୍ରଶଂସା କରୁଛି ।ବିଶ୍ୱ ମଞ୍ଚରେ ଭାରତର ପ୍ରତିଷ୍ଠା ଓ ସମ୍ମାନ ବଢ଼ାଉଥିବା ପ୍ରବାସୀ ଭାରତୀୟ ଏବଂ ଆମ ଦୂତାବାସଗୁଡ଼ିକରେ ସେବା କରୁଥିବା ଅଧିକାରୀମାନଙ୍କୁ ମଧ୍ୟ ମୁଁ ପ୍ରଶଂସା କରୁଛି।



୨୦୪୭ ମସିହାରେ ଆମ ସ୍ୱାଧୀନତାର ଶତବାର୍ଷିକୀ ବର୍ଷ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ଆମେ ଆଗେଇ ଚାଲିଛୁ। ଅନ୍ତ୍ୟୋଦୟର ଭାବନାରେ ଅନୁପ୍ରାଣିତ ହୋଇ, ବିକାଶର ସୁଫଳ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା ଆମର ସଂକଳ୍ପ। ଆମର ସମୃଦ୍ଧ ଐତିହ୍ୟ ଏବଂ ସ୍ୱାଧୀନତା ଆନ୍ଦୋଳନର ଆଦର୍ଶକୁ ଆପଣାଇ ଆମେ ଆଧୁନିକ ବିକାଶର ପଥରେ ଆଗେଇ ଚାଲିଛୁ। ବେଦବାକ୍ୟ 'ବୟଂ ରାଷ୍ଟ୍ରେ ଜାଗୃୟାମ୍' ଆମକୁ ସର୍ବଦା ଦେଶ ସେବା ପାଇଁ ପ୍ରସ୍ତୁତ ରହିବାକୁ ପ୍ରେରଣା ଦେଉଛି।

ଆମ ସ୍ୱାଧୀନତା ସଂଗ୍ରାମ ସମୟରେ ବିଭିନ୍ନ ବିଚାରଧାରାର ଲୋକମାନେ ଗୋଟିଏ ସମାନ ଲକ୍ଷ୍ୟପାଇଁ ଏକଜୁଟ ହୋଇଥିଲେ, ତାହା ଥିଲା ଭାରତର ସ୍ୱାଧୀନତା ।ସ୍ୱଦେଶୀ ଆନ୍ଦୋଳନ ସମୟରେ 'ବନ୍ଦେ ମାତରମ୍' ଗୀତ ସର୍ବଜନଙ୍କ ଗୀତରେ ପରିଣତ ହୋଇଥିଲା। ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅଗଣିତ ଭାରତୀୟ ଆମର ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲେ। ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକର ସାମାଜିକ ସଂସ୍କାର ଓ ଦେଶପ୍ରେମର ସର୍ବୋଚ୍ଚ ଆଦର୍ଶକୁ ନିଜ ଜୀବନରେ ପ୍ରତିଫଳିତ କରିଥିଲେ। ଭାରତମାତାର ସେହି ସମସ୍ତ ମହାନ ସନ୍ତାନମାନଙ୍କୁ ମୁଁ ବିନମ୍ରତାର ସହିତ ପ୍ରଣାମ ଜଣାଉଛି, ଯାହାଙ୍କ ଆଦର୍ଶ ଆମ ଦେଶକୁ ସ୍ୱାଧୀନତା ପ୍ରାପ୍ତି ଏବଂ ତା'ପରେ ଦେଶର ପ୍ରଗତିର ପଥରେ ଆଗେଇ ନେଇଛି।

ଆଜି, ଅଗଷ୍ଟ ୧୪ ତାରିଖରେ ଆମେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରୁଛୁ। ବିଭାଜନଯୋଗୁ ହିଂସାରେ ପ୍ରାଣ ହରାଇଥିବା ଲକ୍ଷ ଲକ୍ଷ ଭାରତୀୟଙ୍କୁ ଆମେ ଗଭୀର ଶ୍ରଦ୍ଧାର ସହ ସ୍ମରଣ କରୁଛୁ। ବିଭାଜନ ଯୋଗୁଁ ଲକ୍ଷ ଲକ୍ଷ ଲୋକ ସାମ୍ପ୍ରଦାୟିକ ହିଂସାର ଶିକାର ହୋଇ ଶରଣାର୍ଥୀ ହେବାକୁ ବାଧ୍ୟ ହୋଇଥିଲେ ଏବଂ ବିଭାଜନର ଭୟାବହତା ସହିଥିଲେ। ତଥାପି, ସେମାନେ ନିଜର ପରିଚୟ ତ୍ୟାଗ କରି ନଥିଲେ।

ଆମ ସ୍ୱାଧୀନତା ପ୍ରାପ୍ତି ସମୟରେ ବିଭାଜନର ଭୟାବହ ପରିଣାମ ସହିତ, ନୂତନ ଭାବେ ସ୍ୱାଧୀନତା ପାଇଥିବା ଭାରତ ସହ ୫୫୦ରୁ ଅଧିକ ଦେଶୀୟ ରାଜ୍ୟର ଏକୀକରଣ ଏକ ଅସାଧାରଣ ଆହ୍ୱାନ ଥିଲା। ସର୍ଦ୍ଦାର ପଟେଲ ରାଜତନ୍ତ୍ର ବ୍ୟବସ୍ଥାର ଅବସାନ ଘଟାଇ ଦେଶୀୟ ରାଜ୍ୟଗୁଡ଼ିକୁ ଆମ ସ୍ୱାଧୀନ ଗଣତନ୍ତ୍ର ସହିତ ଏକୀକୃତ କରିଥିଲେ। ଆଧୁନିକ ଭାରତକୁଏକଜୁଟ କରିଥିବା ଶିଳ୍ପୀଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ସ୍ମୃତି ପ୍ରତି ଏକ କୃତଜ୍ଞ ରାଷ୍ଟ୍ର ପକ୍ଷରୁ ମୁଁ ମୋର ଶ୍ରଦ୍ଧାପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଭାରତର ଜନସାଧାରଣଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ଜନସହଭାଗିତାର ଆଧାର ଉପରେ ପ୍ରତିଷ୍ଠିତ। ଆମ ଦେଶର ଲୋକମାନଙ୍କ ମଧ୍ୟରେ ଜନଭାଗିଦାରୀ ଭାବନା ସର୍ବଦା ନିହିତ ରହିଆସିଛି। ଆମ ଦେଶ ହେଉଛି ଗଣତନ୍ତ୍ରର ଜନ୍ମଭୂମି। ନୂତନ ଉତ୍ସାହ ଓ ଉଦ୍ଦୀପନାର ସହିତ ଆମ ଦେଶବାସୀ ଜନଭାଗିଦାରୀରଏହି ପରମ୍ପରାକୁ ଆଗେଇ ନେଉଛନ୍ତି। ଲୋକମାନଙ୍କର ସକ୍ରିୟ ସହଭାଗିତା ମାଧ୍ୟମରେ ରାଷ୍ଟ୍ରୀୟ ଅଭିଯାନଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି। ଏହା ଆମ ଗଣତନ୍ତ୍ରର ଏକ ପ୍ରେରଣାଦାୟକ ସଫଳତା।

ଆମ ସମ୍ବିଧାନରେ କାର୍ଯ୍ୟପାଳିକା, ବିଧାନପାଳିକା ଏବଂ ନ୍ୟାୟପାଳିକାର ଦାୟିତ୍ୱ ସ୍ପଷ୍ଟ ଭାବେ ନିର୍ଦ୍ଧାରିତ ହୋଇଛି। ଜନପ୍ରତିନିଧିଙ୍କ କର୍ତ୍ତବ୍ୟ ହେଉଛି ଲୋକମାନଙ୍କ ଆକାଂକ୍ଷାକୁ ବିଧାନପାଳିକାରେ ବ୍ୟକ୍ତ କରିବା। ଦେଶ ଏବଂ ଦେଶବାସୀଙ୍କ ସ୍ୱାର୍ଥରେ ଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା କାର୍ଯ୍ୟପାଳିକାର ଦାୟିତ୍ୱ। ନ୍ୟାୟିକ ବ୍ୟବସ୍ଥା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ଏହା ଦାୟିତ୍ୱ ଯେ, ସାଧନର ଅଭାବ ଯୋଗୁଁ ଯେପରି କେହି ନ୍ୟାୟରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା। ସମାଜର ବଞ୍ଚିତ ବର୍ଗର ଲୋକମାନଙ୍କ ସମେତ ସମସ୍ତ ନାଗରିକଙ୍କୁ ସମାନ ଭାବେ, ସମୟୋଚିତ ଏବଂ ମର୍ଯ୍ୟାଦାର ସହିତ ନ୍ୟାୟ ପାଇବାର ସୁଯୋଗ ମିଳିବା ଉଚିତ ।ଏକ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଆମ ଦେଶ ଦ୍ରୁତ ଏବଂ ସମାବେଶୀ ବିକାଶଲକ୍ଷ୍ୟ ହାସଲ କରିବା, ଐତିହ୍ୟ ଓ ବିକାଶ ମଧ୍ୟରେ ସମନ୍ୱୟକୁ ପ୍ରାଥମିକତାଦେବା ତଥା ଅନେକ ଦଶନ୍ଧି ଧରି ବିକାଶରେ ପ୍ରତିବନ୍ଧକ ସାଜିଥିବା ଅନେକ ବାଧା ଦୂର କରିବାର ସଫଳତାର ସାକ୍ଷୀ ପାଲଟିଛି। ୨୫ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟରୁ ବାହାରକୁ ଅଣାଯାଇଛି। ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ 'ପ୍ରଧାନମନ୍ତ୍ରୀ ଜନଧନ ଯୋଜନା' ଅଧୀନରେ ପ୍ରାୟ ୫୯ କୋଟି ହିତାଧିକାରୀ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହ ଯୋଡ଼ି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୨ କୋଟିରୁ ଅଧିକ ଖାତାଧାରୀ ମହିଳା। ମାଗଣା ରାସନ ଯୋଗାଇ ୮୦ କୋଟିରୁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରାଯାଇଛି। 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଅଧୀନରେ ୬୦ କୋଟି ଲୋକଙ୍କୁ ପ୍ରତିବର୍ଷ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଛି।

### ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଦୈନିକ 'ମନ୍ଥନ' ପକ୍ଷରୁ ଖବରଦାତା, ବିଜ୍ଞାପନଦାତା, ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

- ପରିଚାଳକ

### ଛୁଟି ଘୋଷଣା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଦୈନିକ 'ମନ୍ଥନ' କାର୍ଯ୍ୟାଳୟ ଓ ପ୍ରେସ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ।

- ପରିଚାଳକ

## ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ

ଭୁବନେଶ୍ୱର, ୧୪।୮ (ନି.ପ୍ର.): ଆସନ୍ତା ସୋମବାର ଅର୍ଥାତ୍ ଅଗଷ୍ଟ ୧୭ ତାରିଖରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏ ସଂପର୍କରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରହିଥିବାରୁ ଆସନ୍ତା ସୋମବାର ଦିନ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇପାରିବ ନାହିଁ। ତେଣୁ ଏହି ଦିନ ନିଜର ସମସ୍ୟା ଜଣାଇବାକୁ ଆସିବାକୁ ଯୋଜନା କରୁଥିବା ସାଧାରଣ ଜନତାଙ୍କୁ ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଜନଶୁଣାଣି କେବେ ଅନୁଷ୍ଠିତ ହେବ, ସେନେଇ ସମ୍ବାଦ ପତ୍ର ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ସାଧାରଣ ଲୋକଙ୍କୁ ଖୁବଶୀଘ୍ର ଅବଗତ କରାଯିବ।

### ଡାହୁକ



-ବିଧୁ

# ଉତ୍ତର ଓଡ଼ିଶାରେ ବନ୍ୟା

## ୪ ଜିଲ୍ଲାର ୪୫ ପଞ୍ଚାୟତ ପ୍ରଭାବିତ: ଏସ୍ଆରସି

ଭୁବନେଶ୍ୱର ୧୪।୮ (ନି.ପ୍ର): ୧: ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ପୁଣି ଥରେ ବନ୍ୟା ଆସିଛି । ବନ୍ୟାରେ ୪ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲା ବିଶେଷଭାବେ ପ୍ରଭାବିତ ହୋଇଛି । ଏହି ଜିଲ୍ଲାମାନଙ୍କରେ ମୋଟ ୪୫ଟି ପଞ୍ଚାୟତ ପ୍ରଭାବିତ ହୋଇଥିବା ସ୍ୱ?ଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ସାମ୍ବାଦିକ ସମ୍ମିଳନୀରେ ଶୁକ୍ରବାର ସୂଚନା ଦେଇଛନ୍ତି ।



ଏସ୍ଆରସିଙ୍କ ସୂଚନା ଆଧାରରେ, କେବଳ ବ୍ରାହ୍ମଣୀକୁ ବାଦ ଦେଲେ ଲଗାଣ ବର୍ଷା ଯୋଗୁଁ ବୈତରଣୀ, ବୁଢ଼ାବଳଙ୍ଗ, ଜଳକା ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଶୁକ୍ରବାର ସକାଳ ସୁଦ୍ଧା ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିଲା । ଆନନ୍ଦପୁରରେ ବିପଦ ସଙ୍କେତ ୩୦.୩୬ ମିଟର୍ ଥିବାବେଳେ ବୈତରଣୀ ଜଳ ସ୍ତର ୪୦.୧୬ ମିଟର୍ ରହିଥିଲା । ସେହିପରି ଆଖୁଆପଦା ନିକଟରେ ବିପଦ ସଙ୍କ?ତ ୧୮. ୩୩ ମିଟର୍ କୁ ଡେଇଁ ୧୯.୫୮ ମିଟର୍ ଉପରେ ବୈତରଣୀ ବନ୍ୟା ଜଳ ପ୍ରବାହିତ ହେଉଛି । ସେହିପରି ବୈତନଟୀ ଏବଂ ବଡ଼ସାହି ନିକଟରେ ବୁଢ଼ାବଳଙ୍ଗ ଜଳ ସ୍ତର ଧିରେ ଧିରେ ବୃଦ୍ଧି ପାଉଛି । ସେହିପରି ରାଜଘାଟ ନିକଟରେ ସୁବର୍ଣ୍ଣରେଖାର ବିପଦ ସଙ୍କ?ତ ତଳେ ବନ୍ୟା ଜଳ ରହିଛି । ରାଜଘାଟରେ ୧୦.୩୬ ମିଟର୍ ବିପଦ ସଙ୍କ?ତ ରହିଥିବାବେଳେ ଜଳ ସ୍ତର ବର୍ତ୍ତମାନ ୭.୭ ମିଟର୍ ରହିଛି । କିନ୍ତୁ ଝାଡ଼ଖଣ୍ଡରେ ବର୍ଷାର ପରିମାଣ ବୃଦ୍ଧି ପାଇଥିବାରୁ ଡ୍ୟାମରୁ ପାଣି ନିଷ୍କାସନ ହୋଇପାରେ । ଫଳରେ ଆଗାମୀ ସମୟରେ ସୁବର୍ଣ୍ଣରେଖାରେ ଜଳ ସ୍ତର ବୃଦ୍ଧି ପାଇଛି । ନଦୀମାନଙ୍କର ଜଳ ସ୍ତର ବଢ଼ିଥିବାରୁ ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି । ସେଥିପାଇଁ ସତର୍କ ରହିବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଲୋକଙ୍କ ପାଇଁ ରିଲିଫ୍ କେନ୍ଦ୍ର ଖୋଲା ବିଭିନ୍ନ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ତତସହିତ ଉଦ୍ଧାର ପାଇଁ ୧୦ଟି ଓଡ୍ରାଫ, ୭ଟି ଏନଡିଆରଏଫ୍ ଓ ଅଗ୍ନିଶମ ବିଭାଗର କର୍ମଚାରୀ ନିୟୁକ୍ତ ହୋଇଛନ୍ତି ।

## ସରକାରୀ ଜମିରେ ହେବନି ଗଞ୍ଜେଇ ଚାଷ

ଭୁବନେଶ୍ୱର ୧୪।୮ (ନି.ପ୍ର): ସରକାରୀ ଜମିରେ ବେଆଇନ ଗଞ୍ଜେଇ ଚାଷ ରୋକିବାକୁ ଓଡ଼ିଶା ସରକାର ଏବେ ଆହୁରି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଚାଷ ନଷ୍ଟ କରିବା ପରେ ସେହି ଜମିରେ ପୁଣି ଗଞ୍ଜେଇ ଚାଷ ହେଉଛି କି ନାହିଁ, ତାହା ଉପରେ ନିରନ୍ତର ନଜର ରଖାଯିବ। ଏନେଇ ୬ଟି ଚିହ୍ନଟ ଜିଲ୍ଲାର ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲ୍ଲାପାଳଙ୍କୁଚିଠିଲେଖିଫିଲ୍ଡସ୍ତରରେ ନିରୀକ୍ଷଣ ବ୍ୟବସ୍ଥାକୁ ମଜବୁତ କରିବାକୁ କହିଛନ୍ତି। ୨୦୨୬-୨୭ ଫସଲ ଋତୁ ଆରମ୍ଭ ହୋଇଥିବାରୁପୂର୍ବରୁଗଞ୍ଜେଇ ଚାଷ ହୋଇଥିବା ଅଞ୍ଚଳ ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ୨୦୨୫-୨୬ ଫସଲ ଋତୁରେ ଓଡ଼ିଶା ପୁଲିସ ୬ଟିଜିଲ୍ଲାର ୪୧ଟିଥାନା ଅଧୀନରେ ମୋଟ୩୬,୫୦୮.୭୯୨ ଏକରଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଥିଲା। ଏଥିରୁ ୬,୬୩୨.୧୯୭ ଏକର ସରକାରୀ ରାଜସ୍ୱ ଜମି ଥିଲା।

# ଭାରପ୍ରାପ୍ତ ଡିଜିପି ହେଲେ ବିନୟତୋଷ ମିଶ୍ର

ଭୁବନେଶ୍ୱର, ୧୪।୮ (ନି.ପ୍ର): ୧୯୯୩ ବ୍ୟାଚ ଆଇପିଏସ୍ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ରଙ୍କୁ ରାଜ୍ୟ ପୁଲିସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୁଲିସ ଡିଜି ୱାଇବି ଖୁରାନିଆ ଆସନ୍ତା ୧୬ ତାରିଖରେ ଅବସର ଗ୍ରହଣ କରୁଥିବାରୁ ତାଙ୍କ ସ୍ଥାନରେ ଶ୍ରୀ ମିଶ୍ର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ପୁଲିସ ଡିଜି ଚୟନ ବିବାଦ ଯୋଗୁ ମାମଲା ଏବେ ସୁପ୍ରିମକୋର୍ଟରେ ରହିଛି ଓ ପରବର୍ତ୍ତୀ ଶୁଣାଣି ୧୮ ତାରିଖ ପର୍ଯ୍ୟନ୍ତ ନୂଆ ଡିଜିପି ଚୟନ ପ୍ରକ୍ରିୟା ନକରିବାକୁ ୟୁପିଏସସିକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୋଲିସ ଡିଜି ୱାଇ.ବି. ଖୁରାନିଆ। କାର୍ଯ୍ୟକାଳ ଶେଷ ହେବାର ଦୁଇ ଦିନ ପୂର୍ବରୁ ଓଡ଼ିଶା ପୋଲିସ ଡିଜି ୱାଇ.ବି. ଖୁରାନିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ଡିଜିପିଙ୍କ ଏହି ସାକ୍ଷାତ ହୋଇଥିବା ଜଣାପଡ଼ିଛି।



ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ଗୁରୁବାର ସୁପ୍ରିମକୋର୍ଟ ରୋକ୍ ଲଗାଇବା ପରେ ଶ୍ରୀ ମିଶ୍ର ରାଜ୍ୟର ପରବର୍ତ୍ତୀ ଭାରପ୍ରାପ୍ତ ଡିଜି ହେବେ ବୋଲି ଚର୍ଚ୍ଚା ହେଉଥିଲା। ବିହାରର ମଧୁବନୀ ଜିଲ୍ଲାରେ ୧୯୬୬ ନଭେମ୍ବର ୩ତାରିଖରେ ଜନ୍ମ ଗ୍ରହଣ କରିଥିବା ଜନ୍ମଗ୍ରହଣ କରିଥିବା ଶ୍ରୀ ମିଶ୍ର ପୁଲିସ ମ୍ୟାନେଜମେଣ୍ଟରେ ମାଷ୍ଟରଡିଗ୍ରୀ ହାସଲ କରିଛନ୍ତି ।ସେ ଗତ ୨୦୨୫ ଜାନୁଆରୀରୁ ରାଜ୍ୟରେ ଡିଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି। ତାଙ୍କର କାର୍ଯ୍ୟକାଳ ୬ ମାସରୁ କମ୍ ଥିବାରୁ ୟୁପିଏସସି ନିୟମାବଳୀ ଅନୁଯାୟୀ ତାଙ୍କୁ ସ୍ଥାୟୀ ଡିଜିପି ଚୟନ ପ୍ୟାନେଲରେ ସାମିଲ କରାଯାଇନାହିଁ ।ଆସନ୍ତା ନଭେମ୍ବର ମାସରେ ଚାକିରିରୁ ଅବସର ନେବାକୁ ଯାଉଛନ୍ତି। ତେବେ ଶ୍ରୀ ଖୁରାନିଆ ୧୬ତାରିଖ ଅପରାହ୍ନରେ ଅବସର ନେବାର ଥିବାରୁ ରାଜ୍ୟ ସରକାର ଅନ୍ତରୀଣ ବ୍ୟବସ୍ଥା ସ୍ୱରୂପ ଶ୍ରୀ ମିଶ୍ରଙ୍କ ଉପରେ ଭରସା କରିଛନ୍ତି।

ଆସନ୍ତା ୧୮ତାରିଖରେ ସୁପ୍ରିମକୋର୍ଟରେ ଶୁଣାଣି ପରେ ରାଜ୍ୟରେ ନୂଆ ତଥା ସ୍ଥାୟୀ ଡିଜିପି ନିଯୁକ୍ତି ପ୍ରକ୍ରିୟା ପାଇଁ ମାର୍ଗ ପ୍ରଶସ୍ତ ହେବ ।ଇନଚାର୍ଜ ଡିଜିପି ନିଯୁକ୍ତ ହେବା ପରେ ଶ୍ରୀ ମିଶ୍ର କହିଛନ୍ତି ଯେ, ଡିଜିପି ନିଯୁକ୍ତି ପର୍ଯ୍ୟନ୍ତ ସେ ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ପ୍ରାଥମିକତା ଦେବେ। ପୁଲିସ ବାହିନୀ ସହ ମିଶି ରାଜ୍ୟବାସୀଙ୍କୁ ସୁରକ୍ଷିତ ରଖିବା ତାଙ୍କର ଦାୟିତ୍ୱ। ଅନ୍ତରୀଣ ଡିଜିପି ଭାବେ ତାଙ୍କ ଦାୟିତ୍ୱ ନିର୍ବାହ ପାଇଁ ଚେଷ୍ଟା କରିବେ। ଏହି ସୁଯୋଗ ପାଇଁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଅବଶ୍ୟ ଭାରପ୍ରାପ୍ତ ଡିଜି ବା ଇନଚାର୍ଜ ଡିଜି ଓ ଆକ୍ଟିଂ ଡିଜି ନିଯୁକ୍ତି ଦେବା ଉପରେ ମଧ୍ୟ ସୁପ୍ରିମକୋର୍ଟ ପୂର୍ବରୁ କଟକଣା ଜାରି କରିଛନ୍ତି ଓ ଏନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଧ୍ୟ ବାରମ୍ବାର ରାଜ୍ୟଗୁଡିକୁ ତାଗିଦ୍ କରିସାରିଛି। ତଥାପି ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରଶାସନିକ ଅଚଳାବସ୍ଥା ଏଡାଇବା ପାଇଁ ରାଜ୍ୟ ସରକାର ଏହି ଭାରପ୍ରାପ୍ତ ଡିଜି ନିଯୁକ୍ତି ଦେବାକୁ ଏକରକମ ବାଧ ହୋଇଛନ୍ତି।



OIPR- 15001/15001/2/26-27/0088

15001/88/2627


ସୃଜନ

ଶନିବାର ୧୫ ଅଗଷ୍ଟ, ୨୦୨୬, ଭୁବନେଶ୍ୱର

Saturday 15 August, 2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଆମ ଗର୍ବ, ଆମ ସଂକଳ୍ପ

ଘରେ ଘରେ ତ୍ରିରଙ୍ଗା କେବଳ ଗୋଟିଏ ଅଭିଯାନ ନୁହେଁ, ଏହା ଭାରତୀୟ ହୃଦୟରେ ଦେଶପ୍ରେମର ଏକ ଜୀବନ୍ତ ଅନୁଭବ, ଏହା ଆମ ମାଟି ପ୍ରତି ଆମର ଅସୀମ ଭଲପାଇବାର ପ୍ରକାଶ, ଏହା ସେହି ଅସଂଖ୍ୟ ବୀରଙ୍କୁ ନିରବ ଶ୍ରଦ୍ଧାଞ୍ଜଳି, ଯେଉଁମାନଙ୍କ ତ୍ୟାଗ ଓ ବଳିଦାନରେ ଆଜି ଆମେ ମୁକ୍ତ ଆକାଶ ତଳେ ନିଶ୍ୱାସ ନେଉଛୁ । ଯେତେବେଳେ ଅଗଷ୍ଟ ମାସ ଆସେ, ଦେଶର ପ୍ରତ୍ୟେକ କୋଣରେ ସ୍ୱାଧୀନତାର ଉତ୍ସାହ ଦେଖାଯାଏ, ଶିଶୁମାନଙ୍କ ହାତରେ ତ୍ରିରଙ୍ଗା ଶୋଭା ପାଏ, ବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନରେ ଦେଶଭକ୍ତିର ସ୍ୱର ଗୁଞ୍ଜିଉଠେ, କିନ୍ତୁ ଘରେ ଘରେ ତ୍ରିରଙ୍ଗାର ଅର୍ଥ ତା'ଠାରୁ ଅଧିକ ଗଭୀର । ଏହାର ଅର୍ଥ ହେଉଛି—ମୋ ଘର ଭାରତର ଏକ ଅଂଶ, ମୋ ପରିବାର ଭାରତର ଏକ ପରିବାର, ମୋ ଦୁଆର ଆଗରେ ଉଡୁଥିବା ପତାକା ମୋତେ ପ୍ରତିଦିନ ମନେ ପକାଇବ ଯେ ମୋର ଦେଶ ପ୍ରତି ମୋର କର୍ତ୍ତବ୍ୟ ଅଛି । ଏକ ଛୋଟ ଘର ହେଉ କି ବଡ଼ ଅଟ୍ଟାଳିକା, ଗାଁର ମାଟିଘର ହେଉ କି ସହରର ଉଚ୍ଚ ଅଟ୍ଟାଳିକା, ଗରିବର ଘର ହେଉ କି ସମୃଦ୍ଧ ପରିବାରର ଘର—ଯେଉଁଠି ତ୍ରିରଙ୍ଗା ଉଡ଼ିବ, ସେଠି ଭାରତର ହୃଦୟ ଧଡ଼କିବ । ଏହି ପତାକା କେବଳ କପଡ଼ାର ଏକ ଖଣ୍ଡ ନୁହେଁ; ଏହା ଆମ ଇତିହାସ, ଆମ ସ୍ୱାଭିମାନ, ଆମ ସଂଗ୍ରାମ, ଆମ ତ୍ୟାଗ ଓ ଆମ ଭବିଷ୍ୟତର ପ୍ରତୀକ । ଏହାକୁ ଦେଖିଲେ ଆମ ଆଖି ଆଗରେ ଭାସିଉଠେ ସେହି ଦିନଗୁଡ଼ିକ, ଯେତେବେଳେ ଆମ ପୂର୍ବଜମାନେ ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ । କେତେ ମାଆ ନିଜ ପୁଅକୁ ହରାଇଥିଲେ, କେତେ ସ୍ତ୍ରୀ ନିଜ ସ୍ୱାମୀଙ୍କ ଫେରିବା ଅପେକ୍ଷାରେ ଜୀବନ କାଟିଥିଲେ, କେତେ ଶିଶୁ ବାପାଙ୍କ ସ୍ନେହରୁ ବଞ୍ଚିତ ହୋଇଥିଲେ, କେତେ ଯୁବକ ନିଜ ଭବିଷ୍ୟତକୁ ତ୍ୟାଗ କରି ଦେଶର ଭବିଷ୍ୟତକୁ ବାଛିଥିଲେ । ସେମାନଙ୍କ ଆଖିରେ ଥିଲା ଏକ ସ୍ୱପ୍ନ—ଏମିତି ଏକ ଭାରତ, ଯେଉଁଠି ମଣିଷ ମୁଣ୍ଡ ଉଠାଇ ବଞ୍ଚିବ, ଯେଉଁଠି ନିଜ ମାଟିକୁ ଭଲପାଇବା ପାଇଁ କାହାରି ଅନୁମତି ଦରକାର ହେବ ନାହିଁ, ଯେଉଁଠି ଭାରତୀୟ ହେବା ନିଜେ ଏକ ଗର୍ବର ପରିଚୟ ହେବ । ଆଜି ଆମ ଘର ଉପରେ ତ୍ରିରଙ୍ଗା ଉଡ଼ିବାବେଳେ ଆମେ ସେହି ସ୍ୱପ୍ନକୁ ମନେ ପକାଇବା ଦରକାର । ଆମ ପିଲାମାନଙ୍କୁ କହିବା ଦରକାର ଯେ ଏହି ପତାକାର ପ୍ରତ୍ୟେକ ରଙ୍ଗ ପଛରେ ଏକ ଅର୍ଥ ଅଛି, ଏହି ପତାକାର ପ୍ରତ୍ୟେକ ଦୋଳନରେ ଏକ ଇତିହାସ ଅଛି, ଏହାର ପ୍ରତ୍ୟେକ ଉଡ଼ାଣରେ ଅନେକ ଜୀବନର ତ୍ୟାଗ ଲୁଚିଛି । ଗେରୁଆ ଆମକୁ ତ୍ୟାଗ ଓ ସାହସର ସନ୍ଦେଶ ଦିଏ, ଧଳା ଆମକୁ ସତ୍ୟ, ଶାନ୍ତି ଓ ପବିତ୍ରତାର ପଥ ଦେଖାଏ, ସବୁଜ ଆମ ମାଟି, କୃଷି, ଜୀବନ ଓ ସମୃଦ୍ଧିର ପ୍ରତୀକ, ଆଉ ମଝିରେ ଥିବା ଅଶୋକଚକ୍ର ଆମକୁ ନିରନ୍ତର ଆଗକୁ ବଢ଼ିବାର ପ୍ରେରଣା ଦିଏ । ତେଣୁ ଘରେ ତ୍ରିରଙ୍ଗା ଲଗାଇବା ପୂର୍ବରୁ ଆମେ ନିଜ ମନରେ ଏକ ପ୍ରଶ୍ନ ଲଗାଇବା—ମୁଁ ମୋ ଦେଶ ପାଇଁ କ'ଣ କରୁଛି ମୋ ଦେଶପ୍ରେମ କେବଳ ଗୋଟିଏ ଦିନର ଉତ୍ସବ ନା ପ୍ରତିଦିନର ଜୀବନଚର୍ଯ୍ୟା ଯଦି ମୁଁ ନିଜ କାମକୁ ସତ୍ୟନିଷ୍ଠାରେ କରେ, ଯଦି ମୁଁ ରାସ୍ତାରେ ନିୟମ ମାନେ, ଯଦି ମୁଁ ଦୁର୍ନୀତିକୁ ନା କହେ, ଯଦି ମୁଁ ଗରିବଙ୍କୁ ସମ୍ମାନ ଦିଏ, ଯଦି ମୁଁ ନାରୀଙ୍କୁ ସମ୍ମାନ କରେ, ଯଦି ମୁଁ ନିଜ ପରିବେଶକୁ ସୁରକ୍ଷା କରେ, ଯଦି ମୁଁ ନିଜ ପିଲାଙ୍କୁ ଭଲ ମଣିଷ ହେବା ଶିଖାଏ, ତେବେ ମୁଁ ଦେଶସେବା କରୁଛି । ଦେଶପ୍ରେମ କେବଳ ସୀମାରେ ଠିଆ ହୋଇ ଦେଶର ସୁରକ୍ଷା କରୁଥିବା ସୈନିକଙ୍କ ଅଧିକାର ନୁହେଁ; ଦେଶପ୍ରେମ ଆମ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ସୀମାରେ ସୈନିକ ନିଜ ଜୀବନ ଦେଇ ଦେଶକୁ ରକ୍ଷା କରନ୍ତି, ଆମେ ଘରେ ରହି ନିଜ ଚରିତ୍ର, ନିଜ କର୍ମ ଓ ନିଜ ଦାୟିତ୍ୱ ଦ୍ୱାରା ଦେଶକୁ ଶକ୍ତିଶାଳୀ କରିପାରିବା । ଜଣେ ଚାଷୀ ମାଟିରେ ବିହନ ପକାଇ ଦେଶର ଖାଦ୍ୟ ସୁରକ୍ଷାକୁ ଶକ୍ତିଶାଳୀ କରନ୍ତି, ଜଣେ ଶ୍ରମିକ ନିଜ ଘାମରେ ଦେଶର ନିର୍ମାଣ କରନ୍ତି, ଜଣେ ଶିକ୍ଷକ ଜ୍ଞାନର ଆଲୋକରେ ଆଗାମୀ ପିଢ଼ିକୁ ଗଢ଼ନ୍ତି, ଜଣେ ଡାକ୍ତର ଜୀବନ ବଞ୍ଚାନ୍ତି, ଜଣେ ନର୍ସ ରାତି ଜାଗି ରୋଗୀଙ୍କ ସେବା କରନ୍ତି, ଜଣେ ସଫେଇ କର୍ମଚାରୀ ଆମ ସହରକୁ ପରିଷ୍କାର ରଖନ୍ତି, ଜଣେ ମାଆ ନିଜ ପିଲାକୁ ଭଲ ମଣିଷ ହେବାର ଶିକ୍ଷା ଦିଅନ୍ତି—ଏମାନେ ସମସ୍ତେ ଦେଶର ନିରବ ସୈନିକ । ଘରେ ଘରେ ତ୍ରିରଙ୍ଗା ଏହି ସମସ୍ତ ନିରବ ଦେଶସେବକଙ୍କୁ ମଧ୍ୟ ସମ୍ମାନ ଦେବାର ଏକ ସୁଯୋଗ । ଓଡ଼ିଶାର ଗାଁଗୁଡ଼ିକରେ ଯେତେବେଳେ ମାଟିଘର ଉପରେ ତ୍ରିରଙ୍ଗା ଉଡ଼ିବ, ସେହି ଦୃଶ୍ୟ କେବଳ ଏକ ପତାକାର ଦୃଶ୍ୟ ହେବ ନାହିଁ; ଏହା ହେବ ଭାରତର ଆତ୍ମାର ଦୃଶ୍ୟ । ଯେଉଁ ଘରରେ ଜଣେ ବୃଦ୍ଧ ବାପା ନିଜ ପୁଅକୁ ଦେଶର ସେବାରେ ପଠାଇଛନ୍ତି, ସେଠି ତ୍ରିରଙ୍ଗା ଏକ ଭାବନାର ପ୍ରତୀକ । ଯେଉଁ ଘରର ଝିଅ ଦୂର ସହରକୁ ଯାଇ ପଢୁଛି, ନିଜ ଜୀବନ ଗଢୁଛି, ସେଠି ତ୍ରିରଙ୍ଗା ତା'ର ସ୍ୱପ୍ନର ପ୍ରତୀକ । ଯେଉଁ ଘରର ଚାଷୀ ବର୍ଷା, ଖରା, ବନ୍ୟା ଓ ବିପର୍ଯ୍ୟୟ ସହି ମାଟିକୁ ଚାଷ କରୁଛନ୍ତି, ସେଠି ତ୍ରିରଙ୍ଗା ତାଙ୍କ ଅଦମ୍ୟ ସାହସର ପ୍ରତୀକ । ଯେଉଁ ଘରର ଶ୍ରମିକ ନିଜ ପିଲାଙ୍କ ଭବିଷ୍ୟତ ପାଇଁ ଦୂର ସହରରେ ଘାମ ଝରାଉଛନ୍ତି, ସେଠି ତ୍ରିରଙ୍ଗା ତାଙ୍କ ଆଶାର ପ୍ରତୀକ । ଏହି ପତାକା ସମସ୍ତଙ୍କର । ଏଥିରେ ଧନୀ ଓ ଗରିବର ଭେଦ ନାହିଁ, ସହର ଓ ଗାଁର ଭେଦ ନାହିଁ, ଜାତି ଓ ଧର୍ମର ଭେଦ ନାହିଁ । ଏହା ଆମକୁ ଏକାଠି କରେ । ଏହି ଏକତା ହେଉଛି ଭାରତର ସବୁଠାରୁ ବଡ଼ ଶକ୍ତି । ଆମ ଦେଶର ଅସୀମ ବିବିଧତା ମଧ୍ୟରେ ଯେଉଁ ଏକତା ଆମକୁ ଏକ ଜାତି ଭାବେ ଠିଆ କରିଛି, ତ୍ରିରଙ୍ଗା ସେହି ଏକତାର ସବୁଠାରୁ ବଡ଼ ପ୍ରତୀକ । ତେଣୁ ଏଥର ଘରେ ଘରେ ତ୍ରିରଙ୍ଗା ଲଗାଇବା ସମୟରେ ଆମେ ଏକ ନୂଆ ସଂକଳ୍ପ ନେବା—ଆମ ଘର ଯେପରି ସୁନ୍ଦର, ଆମ ଦେଶ ମଧ୍ୟ ସେପରି ସୁନ୍ଦର ହେଉ; ଆମ ପରିବାର ଯେପରି ଏକାଠି ରହେ, ଆମ ଦେଶ ମଧ୍ୟ ସେପରି ଏକାଠି ରହୁ; ଆମ ପିଲାମାନେ ଯେପରି ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖନ୍ତି, ଆମ ଦେଶ ମଧ୍ୟ ସେପରି ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖୁ । ଆମେ ଏହି ତ୍ରିରଙ୍ଗାକୁ ସମ୍ମାନ କରିବା, ଏହାକୁ ଅସମ୍ମାନିତ ହେବାକୁ ଦେବା ନାହିଁ, ଉତ୍ସବ ସରିଗଲା ପରେ ମଧ୍ୟ ପତାକାର ମର୍ଯ୍ୟାଦା ରକ୍ଷା କରିବା । କାରଣ ଏହା କେବଳ ଆମ ହାତରେ ଧରାଯାଉଥିବା ପତାକା ନୁହେଁ, ଏହା ଆମ ହୃଦୟରେ ବସିଥିବା ଭାରତ । ଆଜି ଆମେ ଯେଉଁ ସ୍ୱାଧୀନତା ଉପଭୋଗ କରୁଛୁ, ତାହା ପାଇଁ ଆମେ ଆମ ପୂର୍ବଜଙ୍କ ନିକଟରେ ଋଣୀ । ସେହି ଋଣ କେବେ ଶୋଧ ହୋଇପାରିବ ନାହିଁ, କିନ୍ତୁ ଆମେ ଏକ ଭଲ ଭାରତ ଗଢ଼ି ସେମାନଙ୍କୁ ଶ୍ରଦ୍ଧା ଜଣାଇପାରିବା । ଆସନ୍ତୁ, ଏଥର ଘରେ ତ୍ରିରଙ୍ଗା ଲଗାଇବା ସହିତ ଘରର ପିଲାକୁ ଜଣେ ସହିଦଙ୍କ କଥା କହିବା, ଜଣେ ଚାଷୀଙ୍କ ମୂଲ୍ୟ ବୁଝାଇବା, ଜଣେ ସୈନିକଙ୍କ ତ୍ୟାଗର କଥା କହିବା, ଜଣେ ଶ୍ରମିକଙ୍କ ଘାମର ସମ୍ମାନ କରିବା ଶିଖାଇବା । ଆମ ଘରର ଛାତ ଉପରେ ଉଡୁଥିବା ତ୍ରିରଙ୍ଗା ଯଦି ଆମ ପିଲାର ମନରେ ଦେଶପ୍ରେମର ଏକ ଛୋଟ ବିହନ ପକାଇପାରେ, ତେବେ ସେହି ବିହନ ଦିନେ ଏକ ବିଶାଳ ବୃକ୍ଷ ହେବ । ସେହି ବୃକ୍ଷର ଛାୟାରେ ଆଗାମୀ ପିଢ଼ି ନିରାପଦରେ ବଞ୍ଚିବ । ଆମେ ଆଜି ଯେଉଁ ଭାରତକୁ ପାଇଛୁ, ତାହା ଆମ ପୂର୍ବଜଙ୍କ ଉପହାର; ଆମେ ଆଗାମୀ ପିଢ଼ିକୁ କେମିତି ଭାରତ ଦେବୁ, ତାହା ଆମର ଦାୟିତ୍ୱ । ତେଣୁ ଘରେ ଘରେ ତ୍ରିରଙ୍ଗା କେବଳ ଆଜିର ଶୋଭା ନୁହେଁ, ଏହା ଆଗାମୀ ଭାରତ ପାଇଁ ଆମର ପ୍ରତିଜ୍ଞା । ଆମ ଘର ଆଗରେ ତ୍ରିରଙ୍ଗା ଉଡୁ, ଆମ ହୃଦୟରେ ଭାରତ ଜାଗୁ, ଆମ କାର୍ଯ୍ୟରେ ଦେଶପ୍ରେମ ପ୍ରକାଶ ପାଉ, ଆମ ଚିନ୍ତାରେ ମାନବିକତା ରହୁ ଏବଂ ଆମ ସଂକଳ୍ପରେ ଏକ ସଶକ୍ତ, ସମୃଦ୍ଧ, ଶାନ୍ତିପୂର୍ଣ୍ଣ ଓ ଏକତାବଦ୍ଧ ଭାରତର ସ୍ୱପ୍ନ ରହୁ । ଆସନ୍ତୁ, ଏଥର ଘରେ ଘରେ ତ୍ରିରଙ୍ଗା ଉଡ଼ାଇ କେବଳ ଦେଶକୁ ଦେଖାଇବା ନାହିଁ ଯେ ଆମେ ଭାରତକୁ ଭଲପାଉ; ନିଜ କାର୍ଯ୍ୟ ଦ୍ୱାରା ଭାରତକୁ ଦେଖାଇବା ଯେ ଆମେ ତା'ର ଯୋଗ୍ୟ ସନ୍ତାନ ହେବାକୁ ଚାହୁଁଛୁ । ଘରେ ଘରେ ତ୍ରିରଙ୍ଗା ଉଡୁ, ହୃଦୟେ ହୃଦୟେ ଭାରତ ଜାଗୁ—ଏହା ହେଉ ଆମର ସ୍ୱାଧୀନତା ଦିବସର ସବୁଠାରୁ ବଡ଼ ସଂକଳ୍ପ ।

# ସ୍ୱାଧୀନତା ସଂଗ୍ରାମରେ କଟକ ଓ 'ଗୁଣନିଧି ଭବନ'

**ବିକ୍ରମ ମହାପାତ୍ର**

କଟକ ନଗରୀର ପ୍ରତିଷ୍ଠା ଠାରୁ ୧୯୪୭ର ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ କଟକ ଏକ ଗୌରବ ଗାରିମାମୟ ଐତିହ୍ୟ ଓ ପରମ୍ପରାର ସ୍ୱାକ୍ଷର ବହନ କରି ଯୁଗେ ଯୁଗେ ଓଡ଼ିଶା ଇତିହାସକୁ ପରିପୁଷ୍ଟ କରି ଆସିଛି । ସ୍ୱାଧୀନତା ଆନ୍ଦୋଳନରେ କଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରରେ ଅନେକ ସଂଗ୍ରାମୀଙ୍କ ଭୂମିକା କ୍ରାନ୍ତିକାରୀପରି ଚିର ଦିନ ପାଇଁ ସ୍ମରଣୀୟ ହୋଇ ରହିବ । କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ । କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ । କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ । ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ । ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ୍ୟ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ । ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ । ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ । ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା । ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ । ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ । ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା । ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ । ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ ।

ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା । ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ । ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା । ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ । ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା । ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି । ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବୋଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି । ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ । ସେଠାରେ ଗୁଣନିଧି ବାବୁ ମଧ୍ୟ ରହୁଥିଲେ । ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ । ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ । ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ । ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା । ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ । ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ । ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି । ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ । ଆଜି ସ୍ୱାଧୀନତା ଦିବସ ଅବସରରେ କଟକ ନଗରୀର ଏହି ଗୁଣନିଧି ଭବନର ଗୌରବମୟ ଭୂମିକା ସମ୍ପର୍କରେ ଓଡ଼ିଶାବାସୀଙ୍କୁ ମନେପକାଇ ସ୍ୱାଧୀନତା ଦିବସର ଅଭିନନ୍ଦନ ସମସ୍ତଙ୍କୁ ଜଣାଉଛୁ ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫

ର-ଜ୍ଞବସକ୍ଷ :

ବଭକ୍ଷସସ୍ୱରଳଜ୍ଞକ୍ଟକ୍ଷବକ୍ଟବସ୍ୱକ୍ସବ୧୯୯୯ଅଶବଜ୍ଞସକ୍ଷ.ମକ୍ଟଜ୍ଞ

# ସ୍ୱାଧୀନତା ଦିବସର ଅନ୍ତସ୍ୱର.......

**ଅମର ପ୍ରସାଦ ଶତପଥୀ**

ଅଗଷ୍ଟ ମାସ ୧୫ ତାରିଖ ଭାରତୀୟ ସ୍ୱାଧୀନତା ଦିବସ ପାଳନର ବିଧି ରକ୍ଷା କରାଯାଉଅଛି । ପ୍ରାୟ ୨୦୦ବର୍ଷ ରୁ ଉର୍ଦ୍ଧ୍ୱ ପରାଧୀନତାର ଶୃଙ୍ଖଳରେ ବନ୍ଧା ହେଇଥିବା ଭାରତ ମାତାଙ୍କୁ ବନ୍ଧନରୁ ମୁକ୍ତ କରି ସ୍ୱାଧୀନତାର ସୂର୍ଯ୍ୟାଲୋକ ସ୍ୱାଦ ଆସ୍ୱାଦନ କରିବାର ଦିବସ କୁ ଜାତୀୟ ଦିବସ ଭାବେ ପାଳନ କରାଯାଉଅଛି । ଜାତୀୟ ପତାକା ଉତ୍ତୋଳନ, ଆକର୍ଷଣୀୟ ପ୍ୟାରେଡ ଦେଶାତ୍ମକବୋଧକ ସଙ୍ଗୀତ ଗାନ ସହ ମିଷ୍ଟାନ ବଣ୍ଟନ ଉତ୍ସବ ର ଆୟୋଜନ ପାଇଁ ସରକାରୀ ସ୍ତର ରେ ତଥା ବହୁ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ସଂଗଠନ, ରାଜନୈତିକ ଦଳର ପାଳନ କରିବାରେ ବ୍ୟଗ୍ରତା ଥାଏ । ସଂଗୀତ ଗାନ, ବକ୍ତୃତା ପ୍ରତିଯୋଗିତା ରେ ମଧ୍ୟରେ ଶିକ୍ଷାନୁଷ୍ଠାନ ଆଗଉର ହେଇଥାନ୍ତି ।କିନ୍ତୁ ସ୍ୱାଧୀନତା ଦିବସର ଅନ୍ତସ୍ୱର ଏଭଳି ଆଡମ୍ବର ପୂର୍ଣ୍ଣ ଉତ୍ସବ ପାଳନ ମଧ୍ୟରେ ଆତ୍ମ ସତ୍ତା ହରାଇ ଦେଇଥାଏ ।

ସ୍ୱାଧୀନୋତ୍ତର ଭାରତବର୍ଷର ଏକଦଶନ୍ଧି ପର୍ଯ୍ୟନ୍ତ ସ୍ୱାଧୀନତା ଆନ୍ଦୋଳନ ର ଘଟଣାବଳୀ ଓ ପୃଷ୍ଟଭୂମି ସମସ୍ତଙ୍କ ମନରେ ସତେଜ ଥିବା ଭଳି ପ୍ରତିଭ୍ରାତ ହେଉଥିଲା । ଏହି ଜାତୀୟ ଦିବସ ପାଳନର ଆବେଗ, ଉତ୍ସାହ, ଉଦ୍ଦାମତା କ୍ରମଶଃ କ୍ଷୀଣ ହେବାରେ ଲାଗିଛି । ନାହିଁ ଆନ୍ତରିକତା, ଉଦ୍ଦିପନା, ଗତାନୁଗତିକ ଯନ୍ତ୍ରବତ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବା ସ୍ୱାଧୀନଚେତା ଜନଗଣଙ୍କ ମନରେ ଏକାଧିକ ପ୍ରଶ୍ନରାଜି ସୃଷ୍ଟି କରୁଅଛି ।କଣ ଦୁର୍ବଳତା ରହିଲା ଆମ ମୁକ୍ତି ସଂଗ୍ରାମରେ ? ସମଗ୍ର ବିଶ୍ୱକୁ ଅହିଂସା, ସତ୍ୟାଗ୍ରହ, ଶାନ୍ତିର ସନ୍ଦେଶ ଦେଉଥିବା ଏହି ସଂଗ୍ରାମର ସ୍ୱର କଣ ପାଇଁ ମନରେ ଶିହରଣ ସୃଷ୍ଟି କରୁନାହିଁ । ଆମ ପୂର୍ବଜ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ମାନଙ୍କ ବଳିଦାନକୁ ଏହି ଜାତି ବିସ୍ମରଣ ଗର୍ଭ କୁ ଠେଲିଦେଇ ଭିନ୍ନ ରାସ୍ତାରେ ଆପଣେଇ ନେବାର ଉଦ୍ୟମ ସଂଗ୍ରାମୀ ମାନଙ୍କୁ ବେଦନା ଭରିଦେଉଅଛି । ତ୍ୟାଗ, ତପସ୍ୟା,ବଳିଦାନ ଭାଷା କେବଳ ଶବ୍ଦକୋଷ ମଧ୍ୟରେ ସୀମିତ ହୋଇରହିଯିବ । ସମୟ ଆସିଅଛି ଏହି ପ୍ରଶ୍ନ ସମୂହ ର ଉତ୍ତର ଖୋଜିବା ଓ ଆଗାମୀ ପିଢ଼ିକୁଏହି ଅନନ୍ୟ ସଂଗ୍ରାମ ଇତିହାସ ରେ ପ୍ରେରିତ କରିବାର ଉପାଦାନ ସୃଷ୍ଟି କରିବା ପାଇଁ ସଠିକ କାର୍ଯ୍ୟ ପନ୍ଥା ଗ୍ରହଣ କରିବା ।

ବ୍ରିଟିଶ ଶାସନର ଗୋରା ପୋଲିସ ସ୍ୱାଧୀନତା ଆନ୍ଦୋଳନକାରୀଙ୍କୁ ବିଦ୍ରୋହୀ, ଦେଶଦ୍ରୋହୀ ଭାବରେ ଚିତ୍ରଣ କରୁଥିବା ବେଳେ କଠୋରରୁ କଠୋର ଦଣ୍ଡ ପାଇଥିବା ସଂଗ୍ରାମୀ ମାନେ ସ୍ୱତନ୍ତ୍ର ସେନାନୀ ଭାବେ ଗର୍ବ କରି ହସି ହସି ଆନନ୍ଦ ପାଉଥିଲେ । ଦେଶ ମାତୃକାକୁ ଶୃଙ୍ଖଳମୁକ୍ତ କରିବା ପାଇଁ ଫାଶି ଖୁଣ୍ଟରେ ମୃତ୍ୟୁ ବରଣ କଲାବେଳେ ମାତୃ ବନ୍ଦନା ଗାଇ କୃତଜ୍ଞ ହେଉଥିଲେ । ଘର ସଂସାର ଛାଡି ଦେଶଭକ୍ତିରେ ଉଦବୁଦ୍ଧ ଯୁବକ ମାନେ ମାତୃ ପୂଜା ବନ୍ଦନରେ ପରମ ସନ୍ତୋଷ ଲାଭ କରୁଥିଲେ । ସେହି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଜୀବନ ଦର୍ଶନ, ଜୀବନଚାର୍ଯ୍ୟା ସମସ୍ତଙ୍କ ପାଇଁ ଅନୁକରଣୀୟ ।

ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ସ୍ୱାଧୀନ ଭାରତର ସ୍ଥିତି କଣ ? ସମାଜ ଜୀବନକୁ ଗ୍ରାସ କରିଥିବା ଅନାଚାର, ଭ୍ରଷ୍ଟାଚାର ଦେଶପ୍ରେମୀ ମାନଙ୍କ ମନକୁ ବ୍ୟଥିତ କରୁଅଛି । ଅର୍ଦ୍ଧ ରାତ୍ରରେ ସ୍ୱଛନ୍ଦ ଓ ନିର୍ଭୟରେ ଯାତ୍ର କରିବା ଦୂରର କଥା ଦିବା ଦ୍ୱିପ୍ରହରେ ନାରୀ ମାନଙ୍କ ପ୍ରତି ଅସଦାଚରଣ ଭଳି ଅଘଟଣର ବୃଦ୍ଧି ପାଉଅଛି । ନିଶାମୁକ୍ତ ଭାରତର ସ୍ୱପ୍ନ ଆଜି ସୁଦର ପରାହତ । ୧୯୭୭ ମସିହାରେ ତତକାଳୀନ ପ୍ରଧାନମନ୍ତ୍ରୀ ମୋରାଜୀ ଭାଇ ଦେଶାଇ ସମଗ୍ର ଦେଶ ରେ ନିଶା ନିବାରଣ ପାଇଁ ପଦକ୍ଷେପ ନେଲାବେଳେ ପିଲୁ ମୋଦି ସମେତ ଅନେକ ରାଜନେତା ଏହାର ତୀବ୍ର ବିରୋଧ କଲେ । ମୋରାଜୀଭାଇ ନେତୃତ୍ୱ ଗଠିତ ଜନତା ପାର୍ଟି ସରକାର ର ପତନ ର ଏହା ଅନ୍ୟ ଏକ କାରଣ । ଧନୀ ଦରିଦ୍ର ମଧ୍ୟରେ ବିଷମତା ଦୁରକରି ସମତାଭିତ୍ତିକ ସମାଜ ଗଠନ କେବଳ ସ୍ଲୋଗାନରେ ଅଥବା ଭାଷଣ ରେ ସୀମିତ । ଜାତି ଓ ଧର୍ମ ଜନିତ ବିଦ୍ୱେଶ ଜନ ଜୀବନରେ ଶାନ୍ତି ସଂହତି ର ବାଧକ ସାଜିଛି । ସର୍ବୋପରି ଭ୍ରଷ୍ଟାଚାର ସବୁ କ୍ଷେତ୍ରରେ ଦେଖା ଦେଉଥିବା ବେଳେ ଏହା ସାଧାରଣ ଚଳଣି ଭାବେ ବିବେଚିତ ହେଉଅଛି । ଗଣତନ୍ତ୍ର ଅବକ୍ଷୟ ହୋଇ ଦଳ ତନ୍ତ୍ର ଏପରିକି ଜଣ ତନ୍ତ୍ର ରେ ବନ୍ଧା ପଡିଛି । ବ୍ୟକ୍ତି ଚରିତ୍ର ର ସ୍ଖଳନ ମୁଖ୍ୟ ଆମଜନଜୀବନକୁ କଳୁଷିତ କରୁଅଛି । ବିଧାନସଭା ଅଥବା ସଂସଦରେ ଅଶାଳୀନ ଅଭଦ୍ରୋଚିତ ସମ୍ବାଦ ଗୁଡିକ ଗଣମାଧ୍ୟମ ର ପ୍ରଥମ ପୃଷ୍ଠା ମଣ୍ଡନ କରୁଅଛି । ପ୍ରଜ୍ଞା, ପରିବର୍ତ୍ତେ ଅଜ୍ଞତା ଭୂଷଣ ହୋଇଅଛି । ଜାତୀୟ ଜୀବନର ପରିବର୍ତ୍ତେ ସମସ୍ତ ବ୍ୟକ୍ତି ସର୍ବସ୍ୱ ହୋଇଅଛି । କୃତିମ ବୁଦ୍ଧିମତାର ବହୁଳ ପ୍ରଚଳନ ସୃଜନଶୀଳନତା ର ପଥ ରୋଧ କରୁଅଛି । ସ୍ୱରାଜ, ସୁରାଜ,ସ୍ୱାବଲମ୍ବୀ ଭାରତ ଗଠନର ସ୍ୱପ୍ନ ସାକାର ହେଉନାହିଁ । କୃତିମ ବୁଦ୍ଧିମତାର ବ୍ୟବହାର ଫଳରେ ସ୍ୱାବଲମ୍ବୀ ହେବା ସ୍ଥାନରେ ନିର୍ଭରଶୀଳତା ବୃଦ୍ଧି ପାଉଅଛି । ଏହା ଦେଶକୁ ଭିନ୍ନ ପରାଧୀନତା ଆଡକୁ ଅଗ୍ରସର ହେବାରେ ସାମର୍ଥ୍ୟ ଯୋଗାଉଛି ।

କୂଳବୃଦ୍ଧ ମଧୁସୂଦନଙ୍କ ନୂତନ ଜାଗରଣ ର ଆହ୍ୱାନ , ଉତ୍କଳମଣି ଗୋପବନ୍ଧୁ କାରା କବିତା , ବାଞ୍ଛାନିଧି ମହାନ୍ତିଙ୍କ ଦେଶାତ୍ମକ ବୋଧକ ସଂଗୀତ ଦେଶ ପ୍ରେମ ର ଜୀବନ୍ତ ସ୍ୱରୂପ ଥିଲା । କିନ୍ତୁ ଦେଶାତ୍ମକ ବୋଧକ କବିତା ଆଜି ର ଯୁବକ ମାନଙ୍କ ମନକୁ ଆନ୍ଦୋଳିତ କରୁନାହିଁ ।

ସମୟ ଆସିଛି ସ୍ୱାଧୀନତା ସଂଗ୍ରାମର ସମ୍ପୂର୍ଣ ଇତିହାସ କୁ କେବଳ ଅଧ୍ୟୟନ ନୁହଁ, ମନନ ଓ ଚିନ୍ତନ କରିବା । ଅଜ୍ଞାନ ରୂପକ ଚକ୍ଷୁ ରେ ଜ୍ଞାନଲୋକରେ ଭରିଦେବା । ବିଦ୍ୟାଳୟଠାରୁ ଆରମ୍ଭ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱାଧୀନତା ସଂଗ୍ରାମ ର ଇତିହାସ କୁ ପାଠ ପଢାଇବା ବ୍ୟବସ୍ଥା କରିବା । ଗାନ୍ଧୀ, ଗୋପବନ୍ଧୁ, ଖୁଦିରାମ, ଭଗତ ସିଂ ଆଦି ସଂଗ୍ରାମୀ ଜୀବନୀ ପଠନ ସହ ସେଭଳି ତ୍ୟଗ ରୁ ଶିକ୍ଷାଲାଭି କରି ନିର୍ବାପିତ ହୋଇ ଆସୁଥିବା ଏହି ଇତିହାସ କୁ ଜୀବନ୍ତ ଓ ପ୍ରାଣାବନ୍ଦ କରିବା । ନବଜାଗରଣ ର ଆବଶ୍ୟକତା ରହିଅଛି ।ବିକାଶ ସହ ବିରସାତ କୁ ଆପଣେଇନେବ । ଆବେଗ ଭରା କଣ୍ଠରେ ଉଚ୍ଚସ୍ୱରରେ ଦେଶଭକ୍ତି ସଂଗୀତ ଗାନ କରି ଭାରତ ମାତାର ପୂଜନ କରିବା । ଦେଶର ସ୍ୱାଧୀନତା ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ସଂକଳ୍ପ ଓ ପ୍ରତିବଦ୍ଧତା ର ପରିଚୟ ଦେବା । କଷ୍ଟଲବ୍ଧ ସ୍ୱାଧୀନତା ଓ ସଂଗ୍ରାମୀ ମାନଙ୍କ ବୀରତ୍ୱର ଅମୂଲ୍ୟ ସମ୍ପଦକୁ ସାଇତି ରଖିବା । ନୂତନ ସ୍ପନ୍ଦନ ରେ ଶିହରିତ ହୋଇ ସ୍ୱାଧୀନତା ଦିବସ ପାଳନର ଅନ୍ତସ୍ୱର କୁ ସଠିକ ଭାବେ ଅନୁପାଳନ କରିବା ।

ପୂର୍ବତନ ମନ୍ତ୍ରୀ,ଓଡିଶା

# ଆମ ସ୍ୱାଧୀନତା ଆମ ପରିଚୟ

**ଦୀଶରଥୀ ଶତପଥୀ**

ଆମ ଦେଶ ଭାରତ । ଇଂରେଜ ମାନଙ୍କ ଶାସନ ପ୍ରାୟ ଏହି ଭାରତ ବର୍ଷକୁ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କରିଥିଲେ । ଏହି ଇଂରେଜ ମାନଙ୍କ କବଳରୁ ଭାରତ ବର୍ଷକୁ ମୁକ୍ତ କରିବା ପାଇଁ ଆମ ଦେଶର କୋଟି କୋଟି ବୀର ଶହୀଦ ବଳିଦାନ ଦେଇଛନ୍ତି ଓ ନିଜ ଜୀବନକୁ ବାଜି ଲଗାଇ, ଏହି ସ୍ୱାଧୀନତା ଆମ ଭାରତକୁ ଭେଟି ଦେଇଛନ୍ତି । ଏହି ସ୍ୱାଧୀନତା ଏତେ ସହଜରେ ମିଳିନଥିଲା । ଏହା ପଛରେ ରହିଛି ଜାତିର ଜନକ, ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ସତ୍ୟାଗ୍ରହ । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଦମ୍ୟ ସାହସ । ତାଙ୍କ ସହ, ଝାନସୀ ରାଣୀ ଲକ୍ଷ୍ମୀବାଈ, ଉତ୍କଳମଣି ଗୋପବନ୍ଧୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଭଳି ଅନେକ ମହାପୁରୁଷଙ୍କ ଅଦମ୍ୟ ଓ ଅତୁଳନୀୟ ସଂଗ୍ରାମ ।




୧୯୪୭ ମସିହା ଅଗଷ୍ଟ ୧୫ ତାରିଖ, କେବଳ ଏକ ତାରିଖ ନୁହେଁ, ଅଗଷ୍ଟ ୧୫, ୧୯୪୭ ର ସକାଳ ଥିଲା ଆମ ପାଇଁ ଏକ ଗୌରବର ସକାଳ । ଆମ ପରିଚୟ ର ସକାଳ ଏବଂ ସମଗ୍ର ଭାରତବର୍ଷ ପାଇଁ ଆତ୍ମା ସମୀକ୍ଷା ର ସକାଳ । ଆଜି ଏହି ପବିତ୍ର ଦିବସରେ ଆମେ ଆମର କଷ୍ଟ ଲବ୍ଧ ସ୍ୱାଧୀନତା କୁ ଯାକଜମକ ରେ ପାଳନ କରିବା ସହିତ, ଏହି ସଂଗ୍ରାମରେ ଶହୀଦ ହୋଇଥିବା ସଂଗ୍ରାମୀମାନଙ୍କୁ ଆମ ହୃଦୟରୁ ପ୍ରଣାମ ଜଣାଉଛୁ, ସେମାନଙ୍କୁ ମଧ୍ୟ ମନେ ପକାଉଛୁ । ସେମାନଙ୍କ ତ୍ୟାଗ, ବଳିଦାନ ଓ ଅଦମ୍ୟ ସାହସ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଓ ସଦାସର୍ବଦା ସ୍ମରଣୀୟ ।

ସ୍ୱାଧୀନତା ଦିବସ ଖାଲି ଭାରତବର୍ଷର କୋଣ ଅନୁକୋଣରେ ନୁହଁ ଭାରତବର୍ଷର ସମସ୍ତ ନାଗରିକମାନେ, ଯିଏ ଯେଉଁଠାରେ ଅଛନ୍ତି ଜାତୀୟ ପତାକା ଫରଫର ଭାବେ ଉଡାଇ କିଭଳି ଭାବେ ଆମେ ପାଇଥିବା କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟୀ ରଖିବା ସେଥିପାଇଁ ସଂକଳ୍ପବଦ୍ଧ ହେବା । ନିଜ ଦେଶର ଆର୍ଥିକ, ଧାର୍ମିକ ପରମ୍ପରାର ସୁରକ୍ଷା କରିବା, ବିଶ୍ୱ ସ୍ତରରେ ଆମ ଭାରତର ବର୍ତ୍ତମାନର ସ୍ୱାଧୀନତାକୁ ବଜାୟ ରଖିବା । ଜାତୀୟ ପତାକା ବା ତ୍ରିରଙ୍ଗା ର ଗେରୁଆ ରଙ୍ଗ ଆମକୁ ସାହସ ଶିଖାଏ, ଧଳା ରଙ୍ଗ ସତ୍ୟ, ଧର୍ମ ଓ ନ୍ୟାୟ ପଥରେ ଚାଲିବାପାଇଁ ବାଟ ଦେଖାଏ ଓ ସବୁଜ ରଙ୍ଗ ଏହି ମାଟି ମା ର ସମୃଦ୍ଧି ର ପ୍ରତୀକ ଭାବେ ଆମକୁ ଆଗକୁ ବଢିବ ପାଇଁ ବାଟ ଦେଖାଏ ।

ଭାରତବର୍ଷ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ପାଇଁ ଆମ ସଂବିଧାନ ଶ୍ରେଷ୍ଠ ମାର୍ଗଦର୍ଶକ । ଆମ ସଂବିଧାନ ପ୍ରତ୍ୟେକ ଭାରତୀୟଙ୍କୁସମାନ ଅଧିକାର ଦେଇଛି କ୍ଷସ୍ୱାଧୀନତାର ଅର୍ଥ ବ୍ୟାପକ ଓ ମହାନ । ସ୍ୱାଧୀନତା ର ଅର୍ଥ ନିଜ ଭାଷାରେ କଥା କହିବାର ଅଧିକାର ଓ ନିଜ ଧର୍ମକୁ ମାନିବାର ଅଧିକାର, ପାଠ ପଢ଼ିବାର ଅଧିକାର ଓ ନିଜ ଭବିଷ୍ୟତ କୁ ନିଜେ ଗଢିବାର ଅଧିକାର । ସାମାଜିକ ସ୍ୱାଧୀନତା ସହିତ ଅମର ଅର୍ଥନୈତିକ ସ୍ୱାଧୀନତାର ଆବଶ୍ୟକତା ଆମେ ଏବେବି ଅନୁଭବ କରୁଛୁ । ଏହି ସ୍ୱାଧୀନତା ଦିବସ ଆମମାନଙ୍କ ପାଇଁ ମାନବୀୟ ସମ୍ବେଦନଶୀଳତା ଆତ୍ମ ନିର୍ଦ୍ଧାରଣ ଏବଂ ସୃଜନଶୀଳ ଅଭିବୃଦ୍ଧି ସଂଗ୍ରାମର ଏକ ଜୀବନ୍ତ ପ୍ରତୀକ । ସ୍ୱାଧୀନତାଦିବସ ଆମକୁ ମନେ ପକାଇ ଦିଏ ଆମର ପ୍ରତିଶ୍ରୁତି ଏବଂ ଚେତନାର ଅଭ୍ୟୁଦୟ । ଏକମଙ୍ଗଳମୟ ଆଶା ଆମ ଦେଶକୁ ସମୃଦ୍ଧି ଓ ପ୍ରଗତିର ଚରମ ସୀମାରେ ପହଞ୍ଚାଇପାରିବ ଏବଂ ସମଗ୍ର ବିଶ୍ୱରେ ଆମ ତ୍ରିରଙ୍ଗା ଆମ ସ୍ୱାଧୀନତାର ମୂଲ୍ୟ ଅନ୍ୟ ମାନଙ୍କପାଇଁ ସବୁ ସମୟର ପ୍ରେରଣାର ଉତ୍ସ ହୋଇ ସମଗ୍ର ଦେଶ କୁ ଡିଗଦର୍ଶନ ଦେବ । ୨୦୪୭ ମସିହାରେ ଆମେ ବିକଶିତ ଭାରତ ପଥରେ ଆଗେଇ ଯିବା ଓ ଏହି ସଂକଳ୍ପ କୁ ନୀତି ଓ ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବାର ଦୃଢ ସଂକଳ୍ପ ଆଜି ଏହି ପବିତ୍ର ଦିବସରେ ନେବା କ୍ଷଆଜି ଭାରତର ସ୍ୱାଧୀନତା ଦିବସ କେବଳ ଅତୀତର ସଂଗ୍ରାମକୁ ସ୍ମରଣ କରିବାର ଦିନ ହୋଇ ରହି ନାହିଁ, ବରଂ ଏହି ବ୍ୟାପକ ସ୍ୱାଧୀନତା ଓଗଣତାନ୍ତ୍ରିକ ସାମର୍ଥ୍ୟର ଉତ୍ସବ ଭାବେ ପରିଣତ ହୋଇଛି ।ଆଜି ଆମ ଦେଶ ସୃଜନଶୀଳ ବିକାଶ ଆଡ଼କୁସୂଚନା ପ୍ରଯୁକ୍ତି ଓ ଅର୍ଥନୈତିକ ରାଷ୍ଟ୍ରଭାବେ ପାରଙ୍ଗମ ହୋଇଛି । ଆଜିଆମର କର୍ମ, ଆମର ସଂସ୍କୃତି, ଆମର ପ୍ରଗତି ଆମକୁ ବିଶ୍ୱ ଦରବାରରେସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

ସର୍ବୋପରି ସ୍ୱାଧୀନତାକୁ, ସମୃଦ୍ଧି କୁ ରକ୍ଷା କରିବାପ୍ରତ୍ୟେକ ଭାରତୀୟ ନାଗରିକ ଙ୍କ ପାଇଁ ଏକ ଆହ୍ୱାନ ଓ ଜାତୀୟ କର୍ତ୍ତବ୍ୟ । ଆଜି ଆମ ଦେଶ ଭାରତବର୍ଷ ବିଶ୍ୱର ଅନ୍ୟତମ ବୃହତ ଗଣତନ୍ତ୍ର ଓ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ର ଭାବରେ ପରିଣତ ହୋଇଛି ଓ ବିଶ୍ୱ ଦରବାରରେ ଏକା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆଗାମୀ ସମୟ ପାଇଁ ଆମକୁ ଅଧିକରୁ ଅଧିକ କାର୍ଯ୍ୟ କରିବାକୁପଡ଼ିବ । ଏକ ସୁନ୍ଦର, ଓ ସୁସଂସ୍କୃତି ସମ୍ପର୍ଣ୍ଣ ଭବିଷ୍ୟତ ଆମ ସମସ୍ତଙ୍କୁ ଅପେକ୍ଷା କରି ରହିଛି ।

କଷ୍ଟ ଲବ୍ଧ ସ୍ୱାଧୀନତାକୁ ସମୁନ୍ନିତ କରି ରଖିବାର ସଂକଳ୍ପ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଆହ୍ୱାନ । ଆଗାମୀ ସମୟ ପାଇଁ ଆମକୁ ଅଙ୍ଗିକାରବଦ୍ଧ ହେବାକୁ ପଡିବ । ଏକା ସୁଦୃଢ ଓ ସମୃଦ୍ଧ ଭବିଷ୍ୟତ ଆମର କାମ୍ୟ ହେବା ଆବଶ୍ୟକ ଏ ଦେଶ ଓ ଏ ଜାତି ପାଇଁ ଯେତେ କରିବ ସେତେ ଅଧୁରା ରହିଯିବ କାରଣ ସଂଗ୍ରାମୀ ବୀର ମାନଙ୍କ ତ୍ୟାଗ ଓ ଅଙ୍ଗୀକାରବଦ୍ଧତା ପାଇଁଜଣେ ଉତ୍ତମ ନାଗରିକ ଭାବେ ସୁସ୍ଥ ସମାଜ ଗଠନ, ପରିବେଶର ସୁରକ୍ଷା ଓ ଶାନ୍ତି ପାଇଁ ଆବଶ୍ୟକତା ସକାଶେ ସମସ୍ତଙ୍କୁ ସଜାଗ ରହିବା ଏବଂ ଆମ ସମସ୍ତଙ୍କର ଧେୟ ହେବା ଉଚିତ୍ ।

ଆଜି ଏହି ପବିତ୍ର ଦିବସ ଆମ ଭାରତୀୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ଏହି ଉତ୍ସାହ ଓ ଉଦ୍ଦିପନାକୁ ସମସଙ୍କ ପାଖରେ ପହଂଚାଇବା ଓ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ଆମର ଜାତୀୟ କର୍ତ୍ତବ୍ୟ । ଅହିଂସା ର ମନ୍ତ୍ର ରେ ଅଭିମନ୍ତ୍ରିତ ହୋଇ ଅଶିକ୍ଷା ଓ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ ଆସି ପହଂଚି ଯାଇଛି । ଆମେ ଏବେ ମୁକ୍ତ ଓ ସ୍ୱାଧୀନ ଭାରତର ନାଗରିକ । ତେଣୁ ଆମର କଷ୍ଟଲବ୍ଧ ସ୍ୱାଧୀନତା ଆମର ଗୌରବ ଓ ଆମମାନଂକର ପରିଚୟ । ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମର ସଂବିଧାନରେ ସୂଚିତ ହୋଇଥିବା ବିଷୟ ପ୍ରତି ଦୃଷ୍ଟି ଦେଇ, ଆମର ଦେଶର ଗୌରବ କୁ ଅକ୍ଷୁର୍ଣ୍ଣ ରଖିବାର ସଂକଳ୍ପ ଆଜି ଆମପାଇଁ ଶାନ୍ତି ମୈତ୍ରୀ ଓ ପ୍ରଗତିର ଏକ ପ୍ରବହାମାନ ଧାରା ।

ଭା ପ୍ର ସେ (ଅବସରପ୍ରାପ୍ତ )
ପ୍ରାକ୍ତନ ସଚିବ,
ଓଡ଼ିଶା ବିଧାନସଭା
ମୋ - ୯୩୩୭୪୪୯୩୭୩.



# ବାସି ଆଳୁ ପେଟିସ୍ ଖାଇ ଛାତ୍ରଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):**ଜୟପୁରର ଏକ ସ୍କୁଲର କ୍ୟାଣ୍ଟିନରୁ ବାସି ଆଳୁ ପ୍ୟାଟି ଖାଇ ଜଣେ ୧୭ ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅ ଅଚେତ ହୋଇ ପଡ଼ିଯିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ହସ୍ପିଟାଲ ନେଇ ନଥିଲେ । ଦ୍ୱାଦଶ ଶ୍ରେଣୀର ଛାତ୍ର ପ୍ରିନ୍ସ ସୋନି ବୁଧବାର ସ୍କୁଲ ପରିସରରେ ହଠାତ୍ ପଡ଼ିଯିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା । ପ୍ରିନ୍ସଙ୍କ ପରିବାର ଅଭିଯୋଗ କରିଛି ଯେ, ପ୍ରିନ୍ସ ଅସୁସ୍ଥ ହେବା ପରେ ସ୍କୁଲ ପ୍ରଶାସନ ତାଙ୍କୁ ହସ୍ପିଟାଲକୁ ନେଇ ନଥିଲେ ଓ ପ୍ରାୟ ୪୫ ମିନିଟ୍ ଧରି ସେଠାରେ ରଖିଥିଲେ । ସେମାନେ ସ୍କୁଲରେ ପହଞ୍ଚି ପ୍ରିନ୍ସଙ୍କୁ ହସ୍ପିଟାଲକୁ ନେଇଥିଲେ, ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ପ୍ରିନ୍ସଙ୍କ ବାପା ଅମିତ ସୋନି କହିଛନ୍ତି ଯେ, ପ୍ରିନ୍ସ ସ୍କୁଲ କ୍ୟାଣ୍ଟିନରୁ ଏକ ବାସି ଆଳୁ ପାଟି ଖାଇବା ପରେ ତାଙ୍କ ଦେହ ଖରାପ ହୋଇଥିଲା ।ସକାଳ ପ୍ରାୟ ୧୧ଟା ବେଳେ ତାଙ୍କୁ ସ୍କୁଲରୁ ଫୋନ୍ କଲ୍ ଆସିଥିଲା ଓ ଜଣେ ଶିକ୍ଷକ ତାଙ୍କୁ ଜଣାଇଥିଲେ ଯେ, ପ୍ରିନ୍ସଙ୍କ ଦେହ ଭଲ ଲାଗୁନାହିଁ ଓ ତାଙ୍କୁ ସ୍କୁଲକୁ ଆସିବାକୁ କହିଥିଲେ ।ସେ ସ୍କୁଲରେ ପହଞ୍ଚି ପ୍ରିନ୍ସଙ୍କୁ ଡାକ୍ତରଖାନା ନେବା ବେଳକୁ ବହୁତ ଡେରି ହୋଇଯାଇଥିଲା। ଶିକ୍ଷକମାନେ ପରିସ୍ଥିତିକୁ ଦେଖି ତାଙ୍କ ପୁଅକୁ ଡାକ୍ତରଖାନାକୁ ନେଇ ଯିବାର ଥିଲା । ପ୍ରିନ୍ସଙ୍କ ମା' ନିର୍ମଳା କହିଛନ୍ତି, ସେ ସ୍କୁଲରେ ପହଞ୍ଚିବାବେଳକୁ ପ୍ରିନ୍ସ କଥା ହେଉନଥିଲେ। ତାଙ୍କ ହାତ ଓ ମୁହଁ ଥଣ୍ଡା ପଡିବା ସହିତ ନୀଳ ପଡି ଯାଇଥିଲା। ଗୁରୁବାର ପରିବାର ସଦସ୍ୟ ଓ ଅନ୍ୟାନ୍ୟ ଲୋକମାନେ ସ୍କୁଲ ଦାୟିତ୍ୱହୀନତା ବିରୋଧରେ ଅଭିଯୋଗ ଆଣି ଏକାଠି ହୋଇଥିଲେ। ଅଭିଭାବକମାନେ ଶିକ୍ଷା ବିଭାଗ ଓ ପୁଲିସଠାରୁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଶିକ୍ଷକ ଓ ସ୍କୁଲ ମାଲିକଙ୍କୁ ପଚରାଉଚରା କରିଛି ।



# ଭାରତକୁ ପାକିସ୍ତାନର ଫମ୍ପା ଧମକ

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):**ନିଜ ଦେଶରେ ବୃଦ୍ଧି ପାଉଥିବା ହିଂସା, ଆଭ୍ୟନ୍ତରୀଣ ଅସ୍ଥିରତା ଏବଂ ମାନବାଧିକାର ଉଲ୍ଲଂଘନ ଭଳି ଗମ୍ଭୀର ସମସ୍ୟାରୁ ଧ୍ୟାନ ହଟାଇବା ପାଇଁ ପାକିସ୍ତାନ ପୁଣି ଥରେ ଭାରତ ବିରୋଧରେ ବିଷ ଉଗାଳିଛି। ପାକିସ୍ତାନର ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସିନ୍ଧୁ ଜଳ ଚୁକ୍ତିକୁ ନେଇ ଭାରତକୁ ଧମକ ଦେଇଛନ୍ତି।୨୦୨୫ ଏପ୍ରିଲ୍ ୨୨ ତାରିଖରେ ଜମ୍ମୁକାଶ୍ମୀରର ପହଲଗାମ୍‌ରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ଲୋକ ପ୍ରାଣ ହରାଇଥିଲେ। ଏହି ଘଟଣା ପରେ ଭାରତ ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ କ୍ୟାବିନେଟ୍ କମିଟି ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପାକିସ୍ତାନ ଯେପର୍ଯ୍ୟନ୍ତ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ବନ୍ଦ ନକରିଛି, ସେପର୍ଯ୍ୟନ୍ତ ଏହି ଚୁକ୍ତି କାର୍ଯ୍ୟକାରୀ



ହୋଇପାରିବ ନାହିଁ। ଭାରତ ସ୍ପଷ୍ଟ କରିଛି ଯେ, ଯେଉଁ ପରିସ୍ଥିତିରେ ଏହି ଚୁକ୍ତି ହୋଇଥିଲା, ତାହା ଏବେ ସମ୍ପୂର୍ଣ୍ଣ ବଦଳି ଯାଇଛି।ସ୍ୱାଧୀନତା ଦିବସ ସନ୍ଧ୍ୟାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶାହବାଜ ସରିଫ ଭାରତର ଏହି ନିଷ୍ପତ୍ତିକୁ ବେଆଇନ ବୋଲି ଅଭିଯୋଗ କରିବା ସହ ଭାରତକୁ 'ଶାନ୍ତିର ଶତ୍ରୁ' ବୋଲି କହିଛନ୍ତି। ପାକିସ୍ତାନର ପ୍ରତ୍ୟେକ ବୁନ୍ଦା ପାଣି ଆମ ପାଇଁ 'ରେଡ୍ ଲାଇନ୍' (ସୀମାରେଖା)। ଜଳ ପ୍ରସଙ୍ଗରେ କୌଣସି ବୁଝାମଣା କରାଯିବ ନାହିଁ। ଯଦି ଭାରତ ସଠିକ୍ ମାର୍ଗକୁ ନଆସେ, ତେବେ ଆମେ ଏହାର ସିଧାସଳଖ ଜବାବ ଦେବୁ ବୋଲି ଫମ୍ପା ଧମକ ଦେଇଛନ୍ତି ଶାହବାଜ।ଭାରତ ବିରୋଧରେ ବଡ଼ ବଡ଼ ଦାବି କରୁଥିବା ପାକିସ୍ତାନ ନିଜ ଦେଶ ଭିତରେ ଅନେକ ଗୁରୁତର ସଙ୍କଟର ସାମ୍ନା କରୁଛି । ବଲୋଚିସ୍ତାନର ନେତା ଓ ସାଧାରଣ ନାଗରିକମାନେ ପାକିସ୍ତାନର ସ୍ୱାଧୀନତା ଦିବସ (ଅଗଷ୍ଟ ୧୪) କୁ 'କଳା ଦିବସ' ଭାବରେ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ବଲୋଚ ନେତା ମୀର ୟାର ବଲୋଚ ଏବଂ ମାନବାଧିକାର କର୍ମୀ ଡକ୍ଟର ମାହରଙ୍ଗ ବଲୋଚ ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନୀ ସେନା ବଲୋଚିସ୍ତାନର ସୁରାବ୍ ଅଞ୍ଚଳରେ ବିମାନ ଆକ୍ରମଣ କରି ୨୦ରୁ ଅଧିକ ନିରୀହ ସାଧାରଣ ନାଗରିକ ଓ ଶିଶୁଙ୍କୁ ହତ୍ୟା କରିଛି

# ନାଲସାର ଛାତ୍ରଙ୍କ ବିରୋଧରେ ବାର୍ କାଉନସିଲ୍ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ତୀବ୍ର ଭର୍ତ୍ସନା

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):** ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ହାଇଦ୍ରାବାଦର ନାଲସାର୍‌ଲ ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ ଆଇନ ସ୍ନାତକଙ୍କୁ ଓକିଲ ଭାବେ ପଞ୍ଜୀକରଣ ନ କରିବାକୁ ସମସ୍ତ ରାଜ୍ୟ ବାର୍ ପରିଷଦକୁ ଦେଇଥିବା ନିର୍ଦ୍ଦେଶ ପ୍ରତ୍ୟାହାର କରିଥିଲେ ମଧ୍ୟ ବିବାଦ ଥମି ନାହିଁ। କକ୍ରୋଚ ଜନତା ପାର୍ଟି ସିଧାସଳଖ ବିସିଆଇର ଅଧ୍ୟକ୍ଷ ମନନ ମିଶ୍ରାଙ୍କୁ ଟାର୍ଗେଟ କରିବା ପରେ ସେ ବାଧ୍ୟ ହୋଇ ନିଜ ନିର୍ଦ୍ଦେଶ ପ୍ରତ୍ୟାହାର କରିଥିଲେ। ବର୍ତ୍ତମାନ ଏହି ମାମଲାରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ମଧ୍ୟ ବିସିଆଇକୁ ତୀବ୍ର ସମାଲୋଚନା କରିଛନ୍ତି ।ଶୁକ୍ରବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ବିସିଆଇ ନିର୍ଦ୍ଦେଶକୁ କଡ଼ା ବିରୋଧ କରି ଏହାକୁ ସମ୍ପୂର୍ଣ୍ଣ ଅନାବଶ୍ୟକ ବୋଲି କହିଛନ୍ତି। ଏକ ଆବେଦନ ଶୁଣାଣି କରି ପ୍ରଧାନ ବିଚାରପତି କହିଛନ୍ତି, ଏହା ଛାତ୍ର ଓ ତାଙ୍କ ଭିତରର ପ୍ରସଙ୍ଗ, ବିସିଆଇ ଏଥିରେ ହସ୍ତକ୍ଷେପ କରିବାକୁ କିଏ ବାର୍ କାଉନସିଲର ସର୍କୁଲାର ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ, ଛାତ୍ର କିମ୍ବା ଅଧ୍ୟାପକଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ନୁହେଁ। ସିଜେଆଇ ଆହୁରି କହିଛନ୍ତି, ସେ ଯେତେବେଳେ ଛାତ୍ର ଥିଲେ ଏମିତି ପ୍ରତିବାଦରେ ସକ୍ରିୟ ଭୂମିକା ନେଉଥିଲେ। ତେଲଙ୍ଗାନାରେ ନଲସାର ଆଇନ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସମାବର୍ତ୍ତନ ସମାରୋହରେ ସିଜେଆଇ ସୂର୍ଯ୍ୟକାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯିବାକୁ ଛାତ୍ରମାନେ ବିରୋଧ କରିଥିଲେ।



ବିସିଆଇ ଏହି ଅଭିଯାନ ଆରମ୍ଭ କରିଥିବା ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ବିଷୟରେ କୁଳପତିଙ୍କଠାରୁ ଏକ ତଥ୍ୟଗତ ରିପୋର୍ଟ ମାଗିଥିଲା ଓ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ କୌଣସି ରାଜ୍ୟ ବାର୍ କାଉନସିଲରେ ୨୦୨୬ ସ୍ନାତକଙ୍କୁ ନାମ ନ ଲେଖାଇବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ବିସିଆଇ ନିଜ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିଛି । ବିସିଆଇର ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ସଭାପତି ତଥା ବରିଷ୍ଠ ଓକିଲ ବିକାଶ ସିଂହ ତୀବ୍ର ସମାଲୋଚନା କରିଥିଲେ। ବାର୍ ଆସୋସିଏସନ୍ ମୁଖ୍ୟ କହିଥିଲେ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ମୁକ୍ତ ଚିନ୍ତା ଓ ବିତର୍କ ପାଇଁ ସ୍ଥାନ ଭାବରେ ଉଦ୍ଦିଷ୍ଟ। କେବଳ ଏକ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ସହ ମତଭେଦ ପାଇଁ ଛାତ୍ରମାନଙ୍କୁ ଆଇନ ବୃତ୍ତିରେ ପ୍ରବେଶରୁ ବାରଣ କରାଯିବାର ଧମକ ଦିଆଯିବା ଉଚିତ୍ ନୁହେଁ।

## ଭାରତ–ବାଂଲାଦେଶ ସମ୍ପର୍କରେ ନୂଆ ମୋଡ଼ !

# ନୂଆଦିଲ୍ଲୀ ଗସ୍ତରେ ତାରିକ ରେହମାନ

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):**ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରେହମାନ ଆସନ୍ତା ସପ୍ତାହରେ ଭାରତ ଆସିପାରନ୍ତି । ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବରେ ଏହା ରେହମାନଙ୍କ ପ୍ରଥମ ଭାରତ ଗସ୍ତ ହେବ । ଏହା ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇପାରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା ଏହି ଗସ୍ତର କାର୍ଯ୍ୟକ୍ରମ ରହିଛି । ଉଭୟ ନେତା ବାଣିଜ୍ୟ, ଯୋଗାଯୋଗ, ଶକ୍ତି, ସୀମା ପରିଚାଳନା ତଥା ଆଞ୍ଚଳିକ ସୁରକ୍ଷା ସମେତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବାର ସମ୍ଭାବନା ରହିଛି । ଏହି ଦୁଇ ଦିନିଆ ଗସ୍ତକୁ ଏକ ଦ୍ୱିପାକ୍ଷିକ କାର୍ଯ୍ୟକ୍ରମ ଭାବେ ଯୋଜନା କରାଯାଉଛି,



ତେବେ ସମୟସାରଣୀ ଭଳି ବିସ୍ତୃତ ବିବରଣୀ ଉପରେ ଏବେ ମଧ୍ୟ କାର୍ଯ୍ୟ ଚାଲିଛି ବୋଲି ଏହି ଆଲୋଚନା ସମ୍ପର୍କରେ ଅବଗତ ଥିବା ବ୍ୟକ୍ତି ବିଶେଷ ପ୍ରକାଶ କରିଛନ୍ତି । ଫେବୃଆରୀ ମାସରେ ଦାୟିତ୍ୱ ଗ୍ରହଣ କରିବା ପରେ ତାରିକ ରେହମାନଙ୍କୁ ନୂଆଦିଲ୍ଲୀ ଗସ୍ତ ପାଇଁ ଭାରତ ପୂର୍ବରୁ ନିମନ୍ତ୍ରଣ କରିଥିଲା । ଏଥିସହ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ଅଧିବେଶନ ପାଇଁ ବାଂଲାଦେଶକୁ ଆମନ୍ତ୍ରଣ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରେହମାନଙ୍କ ମଧ୍ୟରେ ହେବାକୁ ଥିବା ଏହି ବୈଠକ ଉପରେ ଉଭୟ ନୂଆଦିଲ୍ଲୀ ଓ ଢାକାର ନଜର ରହିବ । ରେହମାନ କ୍ଷମତାକୁ ଫେରିବା ପରେ ବାଂଲାଦେଶର ରାଜନୈତିକ ସମୀକରଣ ବଦଳିଯାଇଛି ଏବଂ ଏହା ଭାରତକୁ ଢାକା ପ୍ରତି ନିଜର ଆଭିମୁଖ୍ୟକୁ ପୁନଃ ସମୀକ୍ଷା କରିବାକୁ ବାଧ୍ୟ କରିଛି। ଅଗଷ୍ଟ ୨୦୨୪ ରେ ଶେଖ ହସିନା ସରକାରଙ୍କ ପତନ ପରଠାରୁ ଉଭୟ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ସେବେଠାରୁ ନୂଆଦିଲ୍ଲୀ ଓ ଢାକା ମଧ୍ୟରେ ଅନେକ ମତଭେଦ ରହିଛି, ଯେଉଁଥିରେ ଭାରତରେ ହସିନାଙ୍କ ଉପସ୍ଥିତି ଏବଂ ତାଙ୍କୁ ପ୍ରତ୍ୟାର୍ପଣ କରିବା ପାଇଁ ବାଂଲାଦେଶର ଦାବି ମଧ୍ୟ ସାମିଲ ରହିଛି ।

# ବ୍ରିଟେନରେ ଟ୍ରେନ୍ ଲାଇନଚ୍ୟୁତ: ୧୧ ଆହତ

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):** ଗୁରୁବାର ଦକ୍ଷିଣ-ପୂର୍ବ ଇଂଲଣ୍ଡର ଲୁଇସ୍ ରେଳ ଷ୍ଟେସନ ନିକଟରେ ଏକ ଯାତ୍ରୀବାହୀ ଟ୍ରେନ ଲାଇନଚ୍ୟୁତ ହେବା ଫଳରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି ଓ ଅନ୍ୟ ନଅ ଜଣ ଆହତ ହୋଇଛନ୍ତି। ବ୍ରିଟିଶ ପରିବହନ ପୁଲିସର ସୂଚନା ଅନୁଯାୟୀ, ସ୍ଥାନୀୟ ସମୟ ଅପରାହ୍ନ ୩ଟା ୪୪ ମିନିଟରେ ଟ୍ରେନର ତିନୋଟି ବଗି ଲାଇନଚ୍ୟୁତ ହୋଇଥିଲା। ପୁଲିସ କହିଛି ଯେ, ପ୍ରଥମେ ଅନେକ ଯାତ୍ରୀ ଫସି ରହିଥିଲେ କିନ୍ତୁ ପରେ ସେମାନଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଛି ।ସସେକ୍ସ ପୁଲିସ ଓ ସ୍ଥାନୀୟ ଅଗ୍ନିଶମ, ଉଦ୍ଧାରକାରୀ ଓ ଆମ୍ବୁଲାନ୍ସ ଦଳ ସମେତ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କ ମଧ୍ୟରୁ କେତେକଙ୍କୁ ଘଟଣାସ୍ଥଳରେ ଚିକିତ୍ସା କରାଯାଇଥିଲା। ଅନ୍ୟମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ପରିବହନ ମନ୍ତ୍ରୀ ହାଇଡି ଆଲେକଜାଣ୍ଡାର 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି ଯେ, ସରକାର ଯାତ୍ରୀମାନଙ୍କୁ ସହାୟତା କରିବା ପାଇଁ ତ୍ୱରିତ ପଦକ୍ଷେପ ନେଇଛନ୍ତି।

# ଚମୋଲିରେ ସୁଡ଼ଙ୍ଗ ଭୁଶୁଡ଼ି ୭ ମୃତ, ୧୪ ଆହତ

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):** ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ପିପଲକୋଟିସ୍ଥିତ ତେହରି ହାଇଡ୍ରୋ ଡେଭଲପମେଣ୍ଟ କର୍ପୋରେସନ୍ ଲିମିଟେଡ୍ (ଟିଏଚ୍‌ଡିସି) ପ୍ରକଳ୍ପରେ ନିର୍ମାଣାଧୀନ ସୁଡ଼ଙ୍ଗର ଏକ ଅଂଶ ଗୁରୁବାର ସନ୍ଧ୍ୟାରେ ଭୁଶୁଡ଼ି ପଡିବା ଯୋଗୁ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ସୁଡ଼ଙ୍ଗ ଭିତରକୁ ମାଟି ଓ ପାଣି ପଶିଯିବାରୁ ସେଠାରେ କାମ କରୁଥିବା ୧୪ ଜଣ ଶ୍ରମିକ ଆହତ ହୋଇଛନ୍ତି । ଆହତ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା। କର୍ତ୍ତୃପକ୍ଷ ଏକ ବିବୃତିରେ କହିଛନ୍ତି ଯେ, ତିନି ଜଣ ଶ୍ରମିକ ଏବେବି ଫସି ରହିଥିବା କୁହାଯାଉଛି ଓ ଉଦ୍ଧାରକାରୀମାନେ ସେମାନଙ୍କ ପାଖକୁ



ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଘଟଣା ସମୟରେ ସୁଡ଼ଙ୍ଗ ଭିତରେ ପ୍ରାୟ ୨୮ ଜଣ ଶ୍ରମିକ ଥିଲେ। ତେବେ ପ୍ରକୃତରେ କେତେ ଜଣ ଫସି ରହିଛନ୍ତି, ତାହା ଏଯାଏ ସରକାରୀ ଭାବେ ସ୍ପଷ୍ଟ ହୋଇନାହିଁ ।ଘଟଣା ପରେ ଉଦ୍ଧାରକାର୍ଯ୍ୟ ଜୋରଦାର କରାଯାଇଛି। ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଦଳକୁ ଘଟଣାସ୍ଥଳକୁ ପହଞ୍ଚିଛି। ଉଦ୍ଧାରକାରୀ ଦଳ ମାଟି ଓ ଆବର୍ଜନା ହଟାଇ ସୁଡ଼ଙ୍ଗ ଭିତରେ ଫସିଥିବା ଶ୍ରମିକଙ୍କୁ ବାହାର କରିବାରେ ଲାଗିଛନ୍ତି। ଅଦ୍ୟାବଧି ଅତି କମ୍‌ରେ ୧୪ ଜଣ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ସୁଡ଼ଙ୍ଗରୁ ବାହାର କରାଯାଇଛି । ବାକି ଶ୍ରମିକଙ୍କୁ ଉଦ୍ଧାର ପାଇଁ ଅଭିଯାନ ଜାରି ରହିଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଓ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ଶୀଘ୍ର ଉଦ୍ଧାରକାର୍ଯ୍ୟ ଶେଷ କରିବାକୁ ସେ କହିଛନ୍ତି । ପିପିଲକୋଟିରେ ନିର୍ମାଣାଧୀନ ଜଳବିଦ୍ୟୁତ ପ୍ରକଳ୍ପର ସୁଡଙ୍ଗ ଗୁରୁବାର ଭୁଶୁଡି ପଡିବା ପରେ ସେ ଭିତରେ କାମ କରୁଥିବା ଶ୍ରମିକଙ୍କୁ ନିଜକୁ ସୁରକ୍ଷିତ ରଖିବାକୁ ସୁଯୋଗ ମିଳିନଥିଲା। ତୀବ୍ର ଶବ୍ଦ ସହିତ ଟନେଲ ଭୁଶୁଡିବା ସହିତ ଦ୍ରୁତ ଗତିରେ ପାଣି ପଶିବାରେ ଲାଗିଥିଲା। ଚାହୁଁ ଚାହୁଁ ଶ୍ରମିକମାନେ ପାଣିରେ ବୁଡି ଯାଇଥିଲେ। କେତେକ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିଲେ।

# ବିଜୟଙ୍କୁ ଆଶ୍ୱସ୍ତି : କରୁର୍ ଦଳାଚକଟା ମୃତକଙ୍କ ପରିବାରକୁ ଚାକିରି ବାତିଲ ନିର୍ଦ୍ଦେଶ ସ୍ଥଗିତ

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):** ସେପ୍ଟେମ୍ବର ୨୦୨୫ କରୁର ଦଳାଚକଟାରେ ମୃତ୍ୟୁ ହୋଇଥିବା ୪୧ ଜଣଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପା ଭିତ୍ତିରେ ଚାକିରି ଦେବା ପାଇଁ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ବାତିଲ କରିବା ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତ ରଖିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ଏକ ଆବେଦନ ଉପରେ ବିଚାରପତି ଜେବି ପାରଦିୱାଲା ଓ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ କହିଛନ୍ତି, ନୋଟିସ ଜାରି କରନ୍ତୁ। ହାଇକୋର୍ଟ ଦେଇଥିବା ରାୟ ସ୍ଥଗିତ ରହିବ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ତାମିଲନାଡୁ ମୁଖ୍ୟ ସଚିବ ଓ ଅନ୍ୟମାନଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି ।ସୁପ୍ରିମକୋର୍ଟ କହିଛନ୍ତି ଯେ ଏକ ଦୁର୍ଭାଗ୍ୟଜନକ ଘଟଣା ଯୋଗୁଁ ସରକାର ପୀଡିତଙ୍କ ପରିବାରକୁ ନିଯୁକ୍ତି ପ୍ରଦାନ କରିଛନ୍ତି। ସରକାର କ'ଣ ନିଯୁକ୍ତି ଦେବା ଉଚିତ୍ ନୁହେଁ ବୋଲି ଖଣ୍ଡପୀଠ ମନ୍ତବ୍ୟ ଦେଇଛନ୍ତି। ସୁପ୍ରିମକୋର୍ଟ ଏହା ମଧ୍ୟ ପଚାରିଛନ୍ତି ଯେ, ଏହି ଦୁଃଖଦ ଘଟଣାରେ ମୃତ୍ୟୁ ହୋଇଥିବା ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟଙ୍କ ପରିବାରକୁ ନିଯୁକ୍ତି ପ୍ରଦାନ କରିବା ଉଚିତ କି ନାହିଁ । ସରକାର ପୀଡିତ ପରିବାରକୁ ଚାକିରି ଦେବାରେ କ'ଣ ସମସ୍ୟା ରହିଲା ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ପ୍ରତିନିଧିତ୍ୱ କରିଥିଲେ। ମାଡ୍ରାସ ହାଇକୋର୍ଟ ଜୁଲାଇ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟଙ୍କ କରୁର୍ ଦଳାଚକଟାରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରକୁ ସରକାରୀ ଚାକିରି ପ୍ରଦାନ କରିବା ପାଇଁ ଦେଇଥିବା ଆଦେଶକୁ ବାତିଲ କରିଦେଇଥିଲେ।

# ଡ୍ରୋନ ଉପରେ ୧୦୦% ଶୁଳ୍କ ଲଗାଇଲେ ଟ୍ରମ୍ପ

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବଡ ଡ୍ରୋନ ଆମଦାନି ଉପରେ ୧୦୦ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି। ରାଷ୍ଟ୍ରୀୟ ସୁରକ୍ଷା ଓ ଚୀନ୍ କମ୍ପାନିଠାରୁ ଦୂରରେ ରହିବା ଏବଂ ବିଦେଶୀ ଦେଶ ଉପରେ ନିର୍ଭରଶୀଳତା କମ୍ କରିବା ଲକ୍ଷ୍ୟ ନେଇ ସେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଏହି ନିଷ୍ପତ୍ତି ଦ୍ୱାରା ଦେଶରେ ଡ୍ରୋନ୍ ଓ ତାହା ତିଆରି କରିବା ପାଇଁ ଦରକାର ହେଉଥିବା ଉପକରଣର ଉତ୍ପାଦନ ବଢିବ। ଏଥି ସହିତ ବିଦେଶୀ ଯୋଗାଣ ଶୃଙ୍ଖଳା ଉପରେ ନିର୍ଭରଶୀଳତା କମ୍ ହୋଇପାରିବ। ଆମେରିକାର ବାଣିଜ୍ୟିକ ଡ୍ରୋନ୍ ବଜାରର ୭୦ ପ୍ରତିଶତ ଭାଗ ଚୀନ୍ କମ୍ପାନିଗୁଡ଼ିକ କବ୍‌ଜାରେ ରହିଛି। ଯେଉଁ ଡ୍ରୋନର ଭାର ବହନ କ୍ଷମତା ୨୫ କେଜିରୁ କମ୍ ସେଗୁଡ଼ିକ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ୨୫ କେଜିରୁ ଅଧିକ ଭାରତ ବହନ କରୁଥିବା କିମ୍ବା ଥର୍ମାଲ ଇମେଜିଂ କ୍ଷମତା ଥିବା ଡ୍ରୋନ ଗୁଡ଼ିକ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ୟୁରୋପୀୟ ସଂଘ, ଜାପାନ, ଦକ୍ଷିଣ କୋରିଆ ଓ ତାଇୱାନର ଡ୍ରୋନ ଉପରେ ୧୫ ପ୍ରତିଶତ ଏବଂ ବ୍ରିଟେନ୍ ଡ୍ରୋନ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଆଦେଶରେ ଟ୍ରମ୍ପ ସ୍ୱାକ୍ଷର କରିବାର ୨୧ ଦିନ



ପରେ ନୂଆ ଶୁଳ୍କ ଲାଗୁ ହେବ। ତେବେ କେତେକ ସମ୍ବେଦନଶୀଳ ଉପାଦାନ ଉପରେ ଶୁଳ୍କକୁ ୧୮୦ ଦିନ ପରେ ଲାଗୁ କରାଯିବ। କୁହାଯାଉଛି ଯେ ରୁଷ୍ ୟୁକ୍ରେନ୍ ଯୁଦ୍ଧ ଓ ହାଇବ୍ରିଡ୍ ଯୁଦ୍ଧର ଗୁରୁତ୍ୱ ବଢୁଥିବାରୁ ଆମେରିକା ଶୁଳ୍କ ଲଗାଇବା ଭଳି ନିଷ୍ପତ୍ତି ନେଇଛି। କିନ୍ତୁ ବିଶେଷଜ୍ଞମାନଙ୍କ ମତରେ ଚୀନ୍ କମ୍ପାନିଗୁଡ଼ିକ ଉପରେ ଲଗାମ କଷିବା ହେଉଛି ଏହି ଶୁଳ୍କର ମୁଖ୍ୟ ଉଦ୍ଦେଶ୍ୟ। ଏହି ଶୁଳ୍କ ଦ୍ୱାରା ବାଣିଜ୍ୟିକ ଡ୍ରୋନ ବଜାର ସମ୍ପୂର୍ଣ୍ଣ ବଦଳିଯିବ ବୋଲି ସେମାନେ କହିଛନ୍ତି। ଚୀନ ବଜାର ଗୁରୁତର ପ୍ରଭାବିତ ହେବ।

# ସେପ୍ଟେମ୍ବରରେ ନୂଆଦିଲ୍ଲୀ ଆସିବେ ଇରାନ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):**ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ବ୍ରିକ୍ସ ସମ୍ମିଳନୀରେ ଭାଗ ନେବାକୁ ଭାରତ ଗସ୍ତରେ ଆସିବେ ବୋଲି ଇରାନୀ ସୂତ୍ରରୁ ଶୁକ୍ରବାର ଜଣାପଡିଛି। ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ। ୧୮ଶ ତମ ବ୍ରିକ୍ସ ସମ୍ମିଳନୀ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି। ଏହି ଶିଖର ସମ୍ମିଳନୀ ଭାରତର 'ସ୍ଥାୟୀତା, ନବସୃଜନ, ସହଯୋଗ ଓ ସ୍ଥିରତା ପାଇଁ ନିର୍ମାଣ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ। ଭାରତ ୨୦୨୬ ଆରମ୍ଭରେ ବ୍ରାଜିଲଠାରୁ ବ୍ରିକ୍ସ ଅଧ୍ୟକ୍ଷତା ଗ୍ରହଣ କରିଥିଲା। ଅକ୍ଟୋବର ୨୦୨୪ ରେ ପେଜେସ୍କିଆନ ରୁଷର କାଜାନଠାରେ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ, ଯେଉଁଠାରେ ଦୁଇ ନେତା ଦ୍ୱିପାକ୍ଷିକ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଇରାନ ୨୦୨୪ରେ ବ୍ରିକ୍ସର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲା। ସେହିବର୍ଷ ଇଜିପ୍ଟ, ଇଥୋପିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ବ୍ରିକ୍ସ ସଦସ୍ୟ ହୋଇଥିଲେ। ୨୦୨୫ରେ ଇଣ୍ଡୋନେସିଆ ବ୍ରିକ୍ସ ସଦସ୍ୟ ହେବାପରେ ଏହି ଗୋଷ୍ଠୀର ସଦସ୍ୟଙ୍କ ସଂଖ୍ୟା ୧୧ରେ ପହଞ୍ଚି ଥିଲା। ଜୁନ୍ ମାସର ପ୍ରାରମ୍ଭରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ପାଇଁ ଭାରତ ଆସିଥିଲେ।

# ରାଜନୈତିକ ବ୍ୟବସ୍ଥାରେ ସଂସ୍କାର ପାଇଁ ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ ସପକ୍ଷରେ ମତ ଦେଲେ ୱାଙ୍ଗଚୁକ୍

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):** ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଭାରତରେ ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି, ଯଦ୍ୱାରା ଦେଶ ତାର ନେତାମାନଙ୍କୁ ବାଛିବାରେ ମାନସିକତାରେ ପରିବର୍ତ୍ତନ ଆଣିପାରିବ। ସେ ନାଗରିକମାନଙ୍କୁ ନିଃସ୍ୱାର୍ଥପର, ନିର୍ଭୀକ ଚରିତ୍ରର ଲୋକଙ୍କୁ ନେତା ଭାବେ ବାଛିବାକୁ ପରାମର୍ଶ ଦେଇଛନ୍ତି ,ଯେଉଁମାନେ ଭାରତର ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିପାରିବେ। ଭାରତର ମୁଣ୍ଡପିଛା ଆୟକୁ ଉଦ୍ଧୃତ କରି ୱାଙ୍ଗଚୁକ୍ କହିଛନ୍ତି ଯେ, ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରହେ, ତେବେ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ ।ୱାଙ୍ଗଚୁକ୍‌ଙ୍କ ଅନୁଯାୟୀ, ଶ୍ରୀଲଙ୍କା ଓ ବାଂଲାଦେଶ ଭଳି ଦେଶଗୁଡ଼ିକ ଭାରତକୁ ପଛରେ ପକାଇ ସାରିଛନ୍ତି। ସଠିକ୍ ନେତୃତ୍ୱ ବାଛିବା ପାଇଁ ଦେଶକୁ ଏକ ଶାନ୍ତିପୂର୍ଣ୍ଣ ବିପ୍ଳବର ଆବଶ୍ୟକତା ଅଛି। ୱାଙ୍ଗଚୁକ୍ ଗୁରୁବାର ବିଳମ୍ବିତ ରାତିରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ, ଗତ କିଛି ଦିନ ଧରି ତାଙ୍କର ଦେହ ଭଲ ନଥିଲା। ଏହି ସମୟ ମଧ୍ୟରେ ସେ ଦେଶ ଓ ଏହାର ଭବିଷ୍ୟତ ବିଷୟରେ ବହୁତ ଚିନ୍ତା କରିଥିଲେ। ସେ ନିର୍ବାଚିତ ପ୍ରତିନିଧିମାନଙ୍କ ବିରୋଧରେ ଆପରାଧିକ ମାମଲା ଉପରେ



ଆଲୋକପାତ କରି କହିଥିଲେ ଯେ, ଭାରତର ପ୍ରାୟ ଅଧା ସାଂସଦଙ୍କ ବିରୋଧରେ ଫୌଜଦାରୀ ମାମଲା ରହିଛି। ଏକ ତୃତୀୟାଂଶଙ୍କ ବିରୋଧରେ ହତ୍ୟା, ଦୁଷ୍କର୍ମ ଓ ଅପହରଣ ଭଳି ଗମ୍ଭୀର ଅଭିଯୋଗ ରହିଛି ।ୱାଙ୍ଗଚୁକ୍ କହିଛନ୍ତି ଯେ, ଏଥିଯୋଗୁ ଦେଶରେ 'ବିଶ୍ୱାସର ଅଭାବ' ବଢୁଛି। ୱାଙ୍ଗଚୁକ୍ କହିଛନ୍ତି ଯେ, ସେ ଭାରତର କିଛି 'ଶ୍ରେଷ୍ଠ ଚିନ୍ତନଶୀଳ ବ୍ୟକ୍ତି'ଙ୍କ ସହିତ ପରାମର୍ଶ କରି କ'ଣ ପରିବର୍ତ୍ତନ ଆଣିବା ଆବଶ୍ୟକ ଓ ଏପରି ପରିବର୍ତ୍ତନ କିପରି ଅଣାଯାଇପାରିବ ସେ ବିଷୟରେ ଚିନ୍ତା କରିବାକୁ ଚାହାଁନ୍ତି। ତଥାପି ସେ ଗୁରୁତ୍ୱାରୋପ କରିଥିଲେ ଯେ, ଆଲୋଚନା କେବଳ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ସୀମିତ ହେବା ଉଚିତ୍ ନୁହେଁ। ରାଜନୈତିକ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ନିଃସ୍ୱାର୍ଥପର, ନିର୍ଭୀକ ଚରିତ୍ରର ମହିଳା ଓ ପୁରୁଷଙ୍କୁ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି। ଲଦାଖରେ ରହୁଥିବା ୱାଙ୍ଗଚୁକ୍ ସ୍ୱୀକାର କରିଛନ୍ତି ଯେ, ସେ ଜାଣନ୍ତି ନାହିଁ ଯେ ଏପରି ଲୋକ ସାରା ଦେଶରେ କେଉଁଠାରେ ମିଳିପାରିବେ ଓ ସେମାନଙ୍କୁ ଚିହ୍ନଟ କରିବାରେ ଜନସାଧାରଣଙ୍କ ସାହାଯ୍ୟ ଲୋଡ଼ିଛନ୍ତି। ସେ ଲୋକମାନଙ୍କୁ ନିଜ ଅଞ୍ଚଳରୁ ଅତି କମ୍‌ରେ ଏପରି ଜଣେ ବ୍ୟକ୍ତିଙ୍କ ନାଁର ପ୍ରସ୍ତାବ ଦେବାକୁ କହିଛନ୍ତି। ଆମେ ଏକାଠି ଶାନ୍ତିପୂର୍ଣ୍ଣ ଭାବେ ଭାରତରେ ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କରିପାରିବା ବୋଲି ୱାଙ୍ଗଚୁକ୍ କହିଛନ୍ତି।

# ଦିଲ୍ଲୀ ହାଇକୋର୍ଟ, ବିମାନବନ୍ଦରକୁ ବୋମାରେ ଉଡାଇ ଦେବାକୁ ଧମକ

**ନୂଆଦିଲ୍ଲୀ,୧୪।୮(ଏଜେନ୍ସି):**ସ୍ୱାଧୀନତା ଦିବସର ଦିନକ ପୂର୍ବରୁ ଦିଲ୍ଲୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡାଇ ଦେବାକୁ ଧମକ ଦିଆଯାଇଛି। ଦିଲ୍ଲୀ ହାଇକୋର୍ଟ, ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଜାତୀୟ ରାଜଧାନୀର ଅନେକ ସ୍ଥାନରେ ବୋମା ବିସ୍ଫୋରଣ କରାଯିବାକୁ ଧମକ ମିଳିଛି। ଧମକ ମିଳିବା ପରେ ପୂରା ସହରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଶନିବାର ଅପରାହ୍ଣ ୨ଟା ୧୧ ମିନିଟରେ ଦିଲ୍ଲୀ ହାଇକୋର୍ଟ ବିସ୍ଫୋରଣ କରାଯିବାକୁ ଧମକପୂର୍ଣ୍ଣ ଇମେଲରେ ଉଲ୍ଲେଖ ରହିଛି । ଖଲିସ୍ତାନ ନାମରେ ପଠାଯାଇଥିବା ଏହି ଇମେଲ୍‌ରେ ସହରର ଅନେକ ସ୍ଥାନକୁ ବିସ୍ଫୋରଣ ଉଡେଇ ଦେବାକୁ ଯୋଜନା ରହିଥିବା ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି। ଏହି ଧମକପୂର୍ଣ୍ଣ ମେଲ୍‌ରେ ଦିଲ୍ଲୀକୁ ଖଲିସ୍ତାନରେ ପରିଣତ କରାଯିବାକୁ ଧମକ ଦିଆଯାଇଛି। ଇମେଲ ଅନୁଯାୟୀ ଶନିବାର ଅପରାହ୍ଣ ୨ଟା ୧୧ ମିନିଟରେ ଦିଲ୍ଲୀ ହାଇକୋର୍ଟରେ ବୋମା ବିସ୍ଫୋରଣ ହେବ ଓ ଏହାର ଘଣ୍ଟାକ ପରେ ଜିଲ୍ଲା କୋର୍ଟରେ ବିସ୍ଫୋରଣ ହେବ ବୋଲି ଉଲ୍ଲେଖ ହୋଇଛି । ଦିଲ୍ଲୀ କୋର୍ଟରେ କେବଳ ଶିଖଙ୍କ ବିରୋଧରେ ମାମଲାର ଶୁଣାଣି ହେଉଛି ବୋଲି ଏଥିରେ କୁହାଯାଇଛି। ୧୯୮୪ ଶିଖ୍ ଦଙ୍ଗା କଥା ମଧ୍ୟ ରହିଛି ।ଇମେଲରେ ଦାବି କରାଯାଇଛି ଯେ, ଖାଲିସ୍ତାନ ନାମରେ ଶିଖମାନଙ୍କ ପାଇଁ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଗଠନ କରିବାକୁ ଚାହୁଁଥିବା ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ଖାଲିସ୍ତାନର ସଦସ୍ୟମାନେ ଦିଲ୍ଲୀରେ ପହଞ୍ଚିଛନ୍ତି। ଜାମନଗର ହାଉସ୍, ଝଣ୍ଡେୱାଲାନ୍ କୋଠା, ସାକେତ କାର୍ଯ୍ୟାଳୟ, ଜିଲ୍ଲା ମାଜିଷ୍ଟ୍ରେଟ୍ କାର୍ଯ୍ୟାଳୟ, ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଟର୍ମିନାଲ ୩ ଓ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ସବ-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ କାର୍ଯ୍ୟାଳୟ ସମେତ ଛଅଟି ସ୍ଥାନରେ ବୋମା ବିସ୍ଫୋରଣ କରାଯିବାକୁ ମଧ୍ୟ ଧମକ ଦିଆଯାଇଛି। ଦିଲ୍ଲୀ ମେଟ୍ରୋ ଓ ଅମ୍ବାଲା ଯାଉଥିବା ଟ୍ରେନଗୁଡ଼ିକୁ ଟାର୍ଗେଟ କରିବାକୁ ଧମକ ଦିଆଯାଇଛି। ସମସ୍ତ ସ୍ଥାନକୁ ଅଗ୍ନିଶମ ଗାଡି ପଠାଯାଇଛି। ଏପର୍ଯ୍ୟନ୍ତ ତଦନ୍ତ ସମୟରେ କୌଣସି ସନ୍ଦେହଜନକ ଜିନିଷ ମିଳିନାହିଁ।



# ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତଙ୍କ ସହଯୋଗ କାମନା କଲେ ଅନିଲ ସିଂ



**ପାରାଦୀପ, ୧୪।୮ (ନି.ପ୍ର):** ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପ୍ରକଳ୍ପ କାର୍ଯ୍ୟକୁ ଯେତିକି ଗୁରୁତ୍ୱ ଦେଉଛି ପାରିପାର୍ଶ୍ୱିକ ଅବସ୍ଥା ଆଉ ଅଞ୍ଚଳ ବାସୀଙ୍କୁ ସେତିକି ଗୁରୁତ୍ୱ ଦେଉଛି । ଶିକ୍ଷିତ ବେକାରୀ ପିଲାଙ୍କୁ ନିଯୁକ୍ତି ପ୍ରଦାନ କରିବା ଦିଗରେ ଯୋଉ ଉଲ୍ଲେଖନୀୟ କାର୍ଯ୍ୟ କରିଚାଲିଛନ୍ତି ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ଏପରିକି ସୁସ୍ଥ ସମାଜ ଗଠନ ଦିଗରେ କମ୍ପାନୀର ସଭାପତି ଅନିଲ ସିଂ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଜନସାଧାରଣଙ୍କ ସହିତ ଓ ଲୋକଙ୍କ ସେବାରେ ସଦାସର୍ବଦା ଜେଏସଡବ୍ଲ୍ୟୁ ଯୋଡି ହୋଇ ରହିଛି। ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବାର ଅନନ୍ୟ ଶୈଳୀ ଆପଣାଇବାକୁ ଯାଉଛି କମ୍ପାନୀ କ୍ଷ ଜେଏସ ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ଼ କମ୍ପାନୀର ସଭାପତି ଅନିଲ ସିଂ ଗୁରୁବାର ଦିନ ଢ଼ିଙ୍କିଆ , ନୂଆଗାଁ ଓ ଗଡକୁଜଙ୍ଗ ପଞ୍ଚାୟତର ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ବେଳେ ଏହା ପ୍ରକାଶ କରିଛନ୍ତି କ୍ଷ କମ୍ପାନୀର ଅଗ୍ରଗତି ସମୀକ୍ଷା କରିବାକୁ ପାରାଦୀପ ଆସି ଅନିଲ ସିଂ ଦିନ ତମାମ ଏହି ତିନି ପଂଚାୟତ ଲୋକଙ୍କ ସହ ଅନେକ ଗୁରୁତ୍ୱପୂର୍ଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଲୋକମାନେ ମୁଖ୍ୟତଃ ସ୍ଥାନୀୟ ନିଯୁକ୍ତି ଉପରେ ବିଶେଷ ଜୋର ଦେଇଥିବା ବେଳେ ତିନି ପଂଚାୟତର ଭିତିଭୂମିର ବିକାଶ , ଲୋକଙ୍କ ଆର୍ଥିକ ଉନ୍ନତି, ଯୁବ ଓ କ୍ରୀଡାର ବିକାଶ ପାଇଁ ଖେଳପଡିଆ, ଉନ୍ନତ ଚିକିତ୍ସାଳୟ, ଗରିବ ଅନଗ୍ରସର ଛାତ୍ରଛାତ୍ରୀଙ୍କ ନିମନ୍ତେ କୋଚିଂର ସୁବିଧା, ପାନୀୟ ଜଳ ଯୋଗାଣର ସୁ ବନ୍ଦୋବସ୍ତ , ଗମନାଗମନର ବିକାଶ, ଜଳ ନିଷ୍କାସନର ସ୍ଥାୟୀ ସୁବିଧା, ଗଡକୁଜଙ୍ଗ ମନ୍ଦିର ଓ ମାଉସୀମା ମନ୍ଦିରର ସ୍ୱତନ୍ତ୍ର କାରିଗର ମାନଙ୍କ ଦ୍ୱାରା ଉନ୍ନତିକରଣ ଉପରେ ନିଜର ମତ ପ୍ରକାଶ କରିଥିଲେ କ୍ଷ ଦୀର୍ଘ ସମୟ ଅନିଲ ସିଂ ଲୋକଙ୍କ ସହ ଏହି ସବୁ ବିଷୟରେ କିଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହାର ସରଳ ସମାଧାନ କରିହେବ ସେନେଇ ଦୃଢ ପ୍ରତିଶୃତି ପ୍ରଦାନ କରିଥିଲେ ।

# ରାଜ୍ୟପାଳଙ୍କ 'ଆଟ ହୋମ' କାର୍ଯ୍ୟକ୍ରମକୁ ପରିବେଶବିତ ଅମରେଶ ଆମନ୍ତ୍ରିତ

**ପାରାଦୀପ,୧୪।୮ (ନି.ପ୍ର):** ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା ମାନ୍ୟବର ରାଜ୍ୟପାଳଙ୍କ 'ଆଟ ହୋମ' କାର୍ଯକ୍ରମକୁ ଜଗତସିଂହପୁର ଜିଲ୍ଲାରୁ ପରିବେଶବିତ ଇଂ.ଅମରେଶ ନରେଶ ସାମନ୍ତଙ୍କୁ ଆମନ୍ତ୍ରଣ କରାଯାଇଛି। ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ଉଲେଖିତ ଓ ପ୍ରଶଂସିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ ଓଡିଶାର ୧୦ ଜଣକୁ ଏହି ସ୍ୱତନ୍ତ୍ର ଆଟ ହୋମ କାର୍ଯ୍ୟକ୍ରମ ପାଇଁ ଆମନ୍ତ୍ରଣ କାରାଯାଇ ଥିବା ସରକାରୀ ପତ୍ରରେ ଉଲ୍ଲେଖ ରହିଛି। ସେଥିମଧ୍ୟରୁ ଜଗତସିଂହପୁର ଜିଲ୍ଲାରୁ ଇଂ.ଅମରେଶଙ୍କ ନାଁ ସ୍ଥାନ ପାଇଥିବାରୁ ବିଭିନ୍ନ ମହଲରୁ ଶ୍ରୀ ସାମନ୍ତଙ୍କୁ ଶୁଭେଚ୍ଛା ମିଳିବାରେ ଲାଗିଛି । ଇଂ. ଅମରେଶଙ୍କ ଦୀର୍ଘ ତିନି ଦଶନ୍ଧିର ପରିବେଶ ସୁରକ୍ଷା, ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ମୁହାଣରେ ଘଞ୍ଚ ହେନ୍ତାଳ ବଣ ସୃଷ୍ଟି ପାଇଁ ସେ ଅନବରତ ତାଙ୍କ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ଓ ସାଥି ଅନୁଷ୍ଠାନ ନୀଳଚକ୍ର ୟୁଥ କ୍ଲବ,ଆଦର୍ଶ ପ୍ରୟାସ ଓ ଅନ୍ୟ କେତେକ ପରିବେଶପ୍ରେମୀ ଅନୁଷ୍ଠାନ



ଓ ବ୍ୟକ୍ତି ବିଶେଷଙ୍କୁ ନେଇ ତାଙ୍କର ଯାତ୍ରା ଓ ପ୍ରଚେଷ୍ଟା ଜାରୀ ରଖିଛନ୍ତି । ତାଙ୍କର ପ୍ରକୃତି ପ୍ରତି ସମର୍ପଣ ଭାବ ପାଇଁ ଦୁଇ ଦୁଇ ଥର ପ୍ରକୃତି ବନ୍ଧୁ, ଦୁଇ ଥର ପ୍ରକୃତି ମିତ୍ର ଓ ବିଜୁ ପଟନାୟକ ଓ ମୁଖ୍ୟମନ୍ତ୍ରୀ ବନ୍ୟ ପ୍ରାଣୀ ସରଂକ୍ଷଣ ପୁରସ୍କାର ପ୍ରାପ୍ତ ହୋଇଛନ୍ତି କ୍ଷ ତାଙ୍କର ଏହି କୃତି ପାଇଁ ପାରାଦ୍ୱୀପ ମୁ୍ନିସିପାଲିଟିର ପୌରାଧକ୍ଷ ବସନ୍ତ ବିଶ୍ୱାଳ,ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ,ବିଶ୍ୱାଳୀର ସଭାପତି ଅଶୋକ ମାଝୀ, ସମ୍ପାଦକ ଦିଲୀପ ପଲେଇ ଓ ଅମରେଶଙ୍କୁ ଅଭିନନ୍ଦନ ଜଣେଇଛନ୍ତି।

# ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ୪ ଦିନିଆ ଅନୁଗୋଳ ଜିଲ୍ଲା ଗସ୍ତ

**ଅନୁଗୋଳ, ୧୪।୮ (ନି.ପ୍ର):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଙ୍କର ଅଗଷ୍ଟ ୧୪ ତାରିଖରୁ ୧୭ତାରିଖ ଚାରି ଦିନିଆ ଅନୁଗୋଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ସେ ସମୟରେ ସେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଶିଳାନ୍ୟାସ ସହ ଉଦଘାଟନ କରିବାର କାର୍ଯ୍ୟକ୍ରମ ଅଛି ।

୧୪ ଅଗଷ୍ଟ ଅପରାହ୍ନ ୪:୩୦ ରେ ଢେଙ୍କାନାଳ ଜିଲ୍ଲାରୁ ବାହାରି ଅନୁଗୋଳ, ଜରପଡା ଓ ଛେଣ୍ଡିପଦା ଦେଇ ଦେବଗଡ଼ ଜିଲ୍ଲା ଅଭିମୁଖେ ଯାତ୍ରା କରିବେ । ୧୫ ଅଗଷ୍ଟ ସନ୍ଧ୍ୟା ୫: ଟାରେ ପାଲଲହଡ଼ା ସ୍ଥିତ ଜାତୀୟ ରାଜପଥ ବଙ୍ଗଳା ଠାରେ କିଛି ସମୟ ରହି ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ, ଜନସାଧାରଣ ଓ କାର୍ଯ୍ୟକର୍ତ୍ତା ଙ୍କ ସହ ସାକ୍ଷାତ ଆଲୋଚନା କରିବେ । ପରେ ପାଲଲହଡ଼ା ରୁ ଆସି ତାଳଚେର ସ୍ଥିତ ଦୀନଦୟାଲ ନଗର ରେ ପହଁଚିବେ ।

୧୬ ଅଗଷ୍ଟ ସକାଳ ୯:୦୦ ଟାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗଦେବେ, ସକାଳ ୧୧ଟା ରୁ



ଦିନ ୧୨ଟା ମଧ୍ୟରେ ତାଳଚେର କଲେଜ ପଡିଆ ଠାରେ ତାଳଚେର ପୌର ପରିଷଦର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ନ ୩:୩୦ ରେ ଦୀନଦୟାଲ ନଗର, ତାଳଚେରରୁ ଅନୁଗୋଳ ସର୍କିଟ୍ ହାଉସ୍ ଅଭିମୁଖେ ଯାତ୍ରା କରିବେ, ୪:୧୫ – ୪:୫୦

ଅନୁଗୋଳ ସର୍କିଟ୍ ହାଉସ୍ ?ରେ ଅବସ୍ଥାନ କରିବେ । ସନ୍ଧ୍ୟା ୫ଟାରେ କଦମ ପଡିଆ , ଅନୁଗୋଳ ଟାଉନ୍ ଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍ ?ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦାନ କରିବେ । ସନ୍ଧ୍ୟା ୬:୩୦ ରେ ଅନୁଗୋଳ ସର୍କିଟ୍ ହାଉସ୍ ? ରୁ ଦୀନଦୟାଲ ନଗର, ତାଳଚେର ଅଭିମୁଖେ ଯାତ୍ରା କରିବେ।

୧୭ ଅଗଷ୍ଟ ସକାଳ ୧୧:୪୫ ରୁ ଦୀନଦୟାଲ ନଗର , ତାଳଚେରରୁ ବାହାରି ଏମସିଏଲ ଅତିଥି ନିବାସ ରେ ପହଁଚିବେ । ସେଠାରୁ କେନ୍ଦ୍ର ସାର ରସାୟନ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଙ୍କ ସହ ଟିଏଫଏଲ ପ୍ଲାଣ୍ଟ କୁ ଯାଇ ପରିଦର୍ଶନ କରିବା ସହ ସମୀକ୍ଷା ବୈଠକ ରେ ଯୋଗଦେବେ ।ପରେ ସନ୍ଧ୍ୟା ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କର ଗସ୍ତ ସମୟରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଙ୍କର ଆସନ୍ତା ଅଗଷ୍ଟ ୨୧ ତାଳଚେରର ଗୁରୁଜାଙ୍ଗ ରେ ହେବାକୁ ଥିବା ଜନ୍ମ ଶତବାର୍ଷିକୀ ମୋହତ୍ସବ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିବେ ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକ ସୂଚନା ଦେଇଛନ୍ତି ।

# ଚୋରା ବାଲି ବିକ୍ରି ଉପରେ ଚଢ଼ାଉ ବାଲିବୋଝେଇ ଟ୍ରାକ୍ଟର ଜବତ

**ଗଞ୍ଜାମ, ୧୪।୮ (ନି.ପ୍ର):** ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ନିକଟସ୍ଥ ଋଷିକୂଲ୍ୟା ନଦୀ ଘାଟରୁ ଶଗଡ଼ରେ ବାଲି ଆଣି ଘର ସମ୍ମୁଖ ରେ ଗଦା କରି ଚଢ଼ା ଦରରେ ବିକୁଥିଲେ। ଟ୍ରାକ୍ଟରରେବାଲୀ ଲୋଡିଂ କରୁଥିବା ବେଳେ ଗଞ୍ଜାମ ଥାନା ପୋଲିସ ମାଡି ବସିଥିଲା। ଘଟଣା ସ୍ଥଳରୁ ବାଲୀ ବୋଝଇ ଟ୍ରାକ୍ଟର ଜବତ କରି ଥାନାକୁ ନିଆ ଯାଇଛି। ଗଞ୍ଜାମ ଅଂଚଳ ରେ କିଛି ଦିନ ହେଲା ବାଲି ଖାଦାନ ବନ୍ଦ ଥିବାରୁ କିଛି ବାଲି ମାଫିଆ ଗଞ୍ଜାମ ଅଞ୍ଚଳ ରେ ଚୋରି କରି ଚଢା ଦରରେ ବିକ୍ରି କରିଥିବା ନଜର କୁ ଆସିଛି।



ବୁଧବାର ଗଞ୍ଜାମ ଏନଏସି ର କଲେଜ ରୋଡ ଅଞ୍ଚଳ ରେ ଏକ ବାଲି ମାଫିଆ ନିଜ ବାସ ଭବନ ଆଗରେ ବାଲି ଗଦା କରି ବିକ୍ରି କରୁଥିବା ପୋଲିସ ଖବର ପାଇଁ ବାଲି ମାଫିଆ ର ଗାଡି କୁ ଧରିବା ପାଇଁ ଜାଲ ବିଛାଇଥିଲେ। ଟ୍ରାକ୍ଟର ଜବତ କଲାପରେ ଖଣି ବିଭାଗ କୁ ଜବତ ଟ୍ରାକ୍ଟର ହସ୍ତାନ୍ତର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି।

# କଟକ ଓଏମପି ଠାରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା

**କଟକ,୧୪।୮ (ନି.ପ୍ର):** ଓଡିଶା ମାଟିର ଗର୍ବ ଗୌରବ ସୁଯୋଗ୍ୟ ସନ୍ତାନ କଳିଙ୍ଗରତ୍ନ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ମାନ୍ୟବର ଧର୍ମେନ୍ଦ୍ର ପ୍ରଧାନ ନିଜ ଭୁବନେଶ୍ୱର ବାସଭବନରୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ସମୟରେ କଟକ ଓଏମପି ଛକ ଠାରେ ବିଜେପି ଯୁବ ନେତା କର୍ପୋରେଟର ଗଗନ ଓଝା ପୂର୍ବତନ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ଚୌଦ୍ୱାର ବିଜେପି ନେତା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ନୃସିଂହ ଚନ୍ଦ୍ର ମିଶ୍ର, କଟକ ଲୋକସଭା ସାଂସଦଙ୍କ ମହାନଗର ନିଗମ ପ୍ରତିନିଧି ଜ୍ୟୋତିରଞ୍ଜନ ରାୟ, ଆଇନଜୀବୀ କୃଷ୍ଣଚନ୍ଦ୍ର ମଲ୍ଲିକ, ପୂର୍ବତନ କଟକ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ହେମନ୍ତ ସେଠି, ଜଗନ୍ନାଥ ମଣ୍ଡଳ ସାଧାରଣ ସମ୍ପାଦକ



ତପନ ବେହେରା, ସମାଜସେବୀ ପନ୍ନଙ୍ଗ ଭୂଷଣ ଦାସ, କମଳାକାନ୍ତ ପ୍ରଧାନ, ସଞ୍ଜୟ ଦାସ, ଶିବ ନାରାୟଣ ନାୟକ, ନବ ଦାସ, କେଶବ କୁମାର କୁଣ୍ଡୁ, ରାଜେଶ ମହାରଣା, ହରିହର ସାହୁ, ବିଜୟାନନ୍ଦ ବାରିକ, ବିଶ୍ୱ ବନ୍ଧୁ ପଣ୍ଡା, ପୂର୍ବତନ କର୍ପୋରେଟର ଦୟା ନାୟକ, କୈଳାସ ବସ୍ତିଆ, ପ୍ରକାଶ ଦାସ, ଆଇନଜୀବୀ ସଂଗ୍ରାମ ଦାସ, ଗଗନ ବାରିକ, ସତ୍ୟପ୍ରିୟ ଦାସ, ଅମ୍ବିକା ସାମଲ, ରାମଚନ୍ଦ୍ର ବେହେରା, ଅଜୟ କୁମାର ଦାସ, ଜଇରାମ ବାରିକ, ଅମୁଲ୍ୟ ବାରିକ, ମନୋରଞ୍ଜନ ନାୟକ, କହ୍ନଇ ସେଠି, ଅନିଲ ସେଠି, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜଗନ୍ନାଥ ବେହେରା, ଶିବଶଙ୍କର ମଲ୍ଲିକ, ରବିନାରାୟଣ ଗୁଇଁ, ସୂର୍ଯ୍ୟକାନ୍ତ ବାରିକ, ଶୁଭମ ହାତୀ, ରଞ୍ଜିତ ନାୟକ, ଚନ୍ଦନ ହାତୀ, ସୁଶିଲ ସ୍ୱାଇଁ, ରାକେଶ ରାୟ, ରାକେଶ ସିଂହ, ଅମିତ ସ୍ୱାଇଁ, ସୁବାଷ ବାରିକ, ବାପି ବାରିକ, ସୁକୁମାର ମହାପାତ୍ର, ପ୍ରିତମ ମହାରଣା, ମନୋଜ ସାହୁ, ପବନ ଓଝା, ବାଦଲ ସାହୁ, କ୍ରିଷ୍ଣା ମହାପାତ୍ର, ନିରଞ୍ଜନ ପାଢ଼ୀ, ଫରିଦ ଖାନ, ସନ୍ତୋଷ ସାହାଣୀ, ମାନସ ମହାରଣା, ବିଶ୍ୱ ରଞ୍ଜନ ସାହୁ, ସନ୍ନି ପଟନାୟକ, ସୁଲୋକନାଥ ଦାସ, ବିକାଶ ପାତ୍ର, ବିଜୁ ପାତ୍ର, ସୁଶାନ୍ତ ସାମଲଙ୍କ ସହିତ କଟକର ବହୁ ଯୁବକ ଓ ମହିଳା ଉପସ୍ଥିତ ଥିଲେ।

# ହର ଘର ତିରଙ୍ଗା ଅଭିଯାନରେ ସାମୂହିକ ବନ୍ଦେ ମାତରମ୍ ଗାନ

**କଟକ,୧୪।୮ (ନି.ପ୍ର) :** ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ଜନମାନସରେ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ହର ଘର ତିରଙ୍ଗା' ଅଭିଯାନ ଦେଶବ୍ୟାପୀ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସାମୂହିକ ବନ୍ଦେ ମାତରମ୍ ଗାନ ଗଡଗଡିଆ ଘାଟଠାରେ ଅୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ବନ୍ଦେ ମାତରମ ଗାନ କରିଥିଲେ । ଏହି ଅବସରରେ ସାମୁହିକ ବନ୍ଦେ ମାତରମ୍ ଗାନ ସହିତ ବୋଟିଂ ଏବଂ ଜନସାଧାରଣଙ୍କୁ ଜାତୀୟ ପତାକା ବଣ୍ଟନ ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର ସମସ୍ତ କାର୍ଯ୍ୟ ର ସୁପରିଚାଳନା କରିଥିଲେ। କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରଣଦୀପ କୌର୍



ସହୋତା, କଟକ ସଦର ଉପଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲିପ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଗଙ୍ଗାଧର ବେହେରା ପ୍ରମୁଖଙ୍କ ଉପସ୍ଥିତ ଥିଲେ ।

# ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ପୋଶ୍ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ମାଲକାନଗିରି, ୧୪/୮(ନି.ପ୍ର) :** ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, ମାଲକାନଗିରିଙ୍କ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ (ନିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ଉପରେ ଏକ ବ୍ୟାପକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ନିରାକରଣ, ମହିଳାଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ତଥା ନିଷେଧ ଆଇନର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ବୃଦ୍ଧି ନିମନ୍ତେ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। । ଏହି ପ୍ରଶିକ୍ଷଣ ଶିବିରରେ ଉକ୍ତ ଆଇନର ପରିଚୟ ଓ ଉଦ୍ଦେଶ୍ୟ, ଯୌନ ଉତ୍ପୀଡ଼ନର ପରିଭାଷା, କାର୍ଯ୍ୟସ୍ଥଳର ପରିସର, ଏବଂ କାର୍ଯ୍ୟସ୍ଥଳରେ ନିଯୁକ୍ତ ମହିଳାଙ୍କ ଅଧିକାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିସହ ଅଭ୍ୟନ୍ତରୀଣ କମିଟି ଏବଂ ସ୍ଥାନୀୟ କମିଟି ଗଠନ, ଅଭିଯୋଗ ଦାଖଲ ପ୍ରକ୍ରିୟା, ଅଭିଯୋଗର ତଦନ୍ତ ପ୍ରକ୍ରିୟା, ଗୋପନୀୟତା ଓ ପୀଡ଼ିତାଙ୍କ ସୁରକ୍ଷା, ନିଯୁକ୍ତିଦାତାଙ୍କ ଦାୟିତ୍ୱ, ମିଥ୍ୟା ଅଭିଯୋଗ ସମ୍ବନ୍ଧୀୟ ବ୍ୟବସ୍ଥା, ଅଭିଯୋଗର ଫଳାଫଳ ଓ ପ୍ରତିକାର, ଆଇନରେ ନିରୋଧ, ନିଷେଧ ଓ ପ୍ରତିକାର ତଥା ସଚେତନତା ଓ ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଦୁର୍ଯ୍ୟଧନ



ଭୋଇ, ମୁଖ୍ୟ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଏ. ଏମ୍. ଡ଼ି. ମାହାମାଦ ହୁସେନ, ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ସୁରମା ଏବଂ ଆଇନଗତ ସହାୟକ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଆଇନଗତ ଦିଗଗୁଡ଼ିକ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଚିତା ପଣ୍ଡା ଏବଂ ମମତା ଚୌଧରୀ ଦାୟିତ୍ୱ ତୁଲାଇଥିଲେ। ଏଥିସହ ଟି. ଜୟଲକ୍ଷ୍ମୀ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ମଣି ମୋହନ ସରକାର ଓ ଅନ୍ୟାନ୍ୟ କର୍ମଚାରୀ ତଥା ଜିଲ୍ଲା ସଂଯୋଜିକା ମୀନାକ୍ଷୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ସମ୍ପୃକ୍ତ ହିତାଧିକାରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଓନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ମୁଖ୍ୟ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଥାନାର ଭାରପ୍ରାପ୍ତ ଅଧିକାରୀ ଓ ପୋଲିସ ପ୍ରତିନିଧିବୃନ୍ଦ, ତହସିଲଦାର ଓ ବିବାହ ପଞ୍ଜୀକରଣ ଅଧିକାରୀ, ଯୁବ ଓ ଛାତ୍ର ସଂଗଠନ, ପରିବର୍ତ୍ତନ ଏବଂ ପୁଷ୍ପକ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟବୃନ୍ଦ, ମାଲକାନଗିରି କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ, ସରକାରୀ ମଡେଲ୍ ଡିଗ୍ରୀ କଲେଜର ସଦସ୍ୟ ଏବଂ ଜିଲ୍ଲାର ଅନ୍ୟାନ୍ୟ ସମ୍ପୃକ୍ତ ସମସ୍ତ କାର୍ଯ୍ୟାଳୟର ପ୍ରତିନିଧିଗଣ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ଦଶମନ୍ତପୁରରେ ପ୍ରଦାନ ସଙ୍ଗଠନ ପକ୍ଷରୁ 'ମହିଳା ସଭା' ଅନୁଷ୍ଠିତ

**କୋରାପୁଟ, ୧୪।୮ (ନି.ପ୍ର):** କୋରାପୁଟ ଜିଲ୍ଲା, ଦଶମନ୍ତପୁର ବ୍ଲକରେ ଏକ ମହିଳା ସଭାର ଆୟଜ ହୋଇଥିଲା । ସଭାର ମୁଖ୍ୟ ଉଦଶ୍ୟ ଥିଲା, "ଉନ୍ନତିର ପ୍ରଥମ ପଦକ୍ଷେପ, ସଶକ୍ତ ନାରୀ, ସମୃଦ୍ଧ ପରିବାର ଓ ସଶକ୍ତ ଓଡ଼ିଶା" ଏହାର ଲକ୍ଷ୍ୟ ନେଇ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକସ୍ଥିତ ମିଶନ ଶକ୍ତି ସଭାଗୃହରେ ପ୍ରଦାନ ସଙ୍ଗଠନ ପକ୍ଷରୁ ଏକ ସ୍ୱତନ୍ତ୍ର 'ମହିଳା ସଭା' ଅନୁଷ୍ଠିତ ହୋଇଯାଇଛି । ଓଏଲ୍ଏମ୍ ଅଧିକାରୀ ତଥା ବିପିଏମ୍ କିଶୋର କରକରିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ମହିଳାମାନଙ୍କ ଏକତା, ସଶକ୍ତୀକରଣ, ସାମାଜିକ ଓ ଆର୍ଥିକ ବିକାଶ ଏବଂ ପରିବାର ଓ ସମାଜର ଉନ୍ନତିରେ ସେମାନଙ୍କ ଭୂମିକା ନେଇ ବିସ୍ତୃତ ଆଲୋଚନା ହୋଇଥିଲା



। ଏକତା, ସହଯୋଗ ଓ ସ୍ୱାବଲମ୍ବନ ମାଧ୍ୟମରେ ମହିଳାମାନେ ନିଜ ଅଧିକାର ସହ ସାମାଜିକ ଓ ଆର୍ଥିକ ଭାବେ ଆହୁରି ସଶକ୍ତ ହେବାକୁ ଆହ୍ୱାନ ଦିଆଯାଇଥିଲା । ସଭାରେ ମୁଖ୍ୟ ଅତିଥି ଭାବେ ଏବିଡିଓ ସୁଧୀର କୁମାର ବେହେରା ଯୋଗଦେଇଥିବାବେଳେ ଜିଲ୍ଲା ଆଇଏନ୍ଆରଏମ୍ କୋ-ଅର୍ଡିନେଟର ସୀମାଞ୍ଚଳ ବେହେରା, ପ୍ରଦାନ ସଙ୍ଗଠନର ଟିସି ନିକିତା ସାଇକିୟା, ରତୁପର୍ଣ୍ଣା ରଣା, ଡିଇଓ ଧରିତ୍ରୀ ସେଠୀଙ୍କ ସମେତ ସିଆରପି, ଇଏଲ୍ଏସ୍ପି, ଏମ୍ବିକେ ଓ ବିଭିନ୍ନ ଏସ୍ଏଚ୍ଜିର ମହିଳାମାନେ ଉପସ୍ଥିତ ଥିଲେ । ସଭାରେ ମହିଳାମାନଙ୍କ ସମ୍ମିଳିତ ପ୍ରୟାସ ଓ ସଶକ୍ତୀକରଣ ହିଁ ପରିବାରର ସମୃଦ୍ଧି ସହ ସମାଜ ଓ ରାଜ୍ୟର ବିକାଶକୁ ନୂଆ ଦିଗ ଦେଇପାରିବ ବୋଲି ମତ ପ୍ରକାଶ ପାଇଥିଲା । "ସଶକ୍ତ ନାରୀ ହିଁ ସମୃଦ୍ଧ ପରିବାର ଓ ସଶକ୍ତ ଓଡ଼ିଶାର ମୂଳ ଆଧାର" ଏହି ବାର୍ତ୍ତା ସହ ମହିଳା ସଭାର ସମାପନ ହୋଇଥିଲା ।

# ବର୍ଷୀୟାନ୍ ଗୁରୁ ଦାମୋଦର ଲେଙ୍କାଙ୍କ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତି ଚାରଣ ସଭା

**ଡେଲାଙ୍ଗ,୧୪।୮ (ନି.ପ୍ର):** ଡେଲାଙ୍ଗ କୋଠବାଡ ଗ୍ରାମ ପଞ୍ଚାୟତ ଅଧୀନ ଅମାଳଙ୍ଗ (ଗଞ୍ଜେଇଗୋଡି) ଗ୍ରାମର ବର୍ଷୀୟାନ୍ ଆଦର୍ଶ ଗୁରୁ ଦାମୋଦର ଲେଙ୍କାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଥିଲା ।ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ସନ୍ନିକଟ ଠାରେ ସ୍ମୃତି ସଭା ଆୟୋଜନ କରାଯାଇଥିଲା ।ଏଥିରେ ପୂର୍ବତନ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସଂଧ୍ୟାବତୀ



ପ୍ରଧାନ, ବ୍ରହ୍ମଗିରୀର ସୁନାମଧନ୍ୟା ସଂକୀର୍ତ୍ତନ ଗାୟିକା ଶ୍ରୀମତୀ ମିଲି ପ୍ରଧାନ,ସନ୍ଥ ସୀତାରାମ ଦାସ, ଅବସରପ୍ରାପ୍ତ ବର୍ଷୀୟାନ୍ ଶିକ୍ଷକ ସୁଧାକର ମହାପାତ୍ର, ସମାଜସେବୀ ତଥା ଶିକ୍ଷାପ୍ରେମୀ ବିଭୂତି ଭୂଷଣ ପାଇକରାୟ, ପ୍ରଶାନ୍ତ ଦାସ,ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ କୁମାର ସାହୁ, ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶରତ ରାଉତ, ଅଧ୍ୟାପକ ସରୋଜ ପଣ୍ଡା, କୃଷକ ନେତା ସମାଜସେବୀ ଅଶୋକ ପ୍ରଧାନ, ନବ ପ୍ରଧାନ,ରମେଶ ବରାଳ ବୁଦ୍ଧିଜୀବୀ ପ୍ରଶାନ୍ତ ମହାପାତ୍ର ପ୍ରାକ୍ତନ ସରପଞ୍ଚ ସମାଜସେବୀ ଦୁର୍ଗା ରାଉତରାୟ ଅବସରପ୍ରାପ୍ତ ଶିକ୍ଷକ ବିଚିତ୍ରାନନ୍ଦ ଲେଙ୍କା, ସର୍ବେଶ୍ୱର ମହାପାତ୍ର,ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ, ଅକ୍ଷୟ ପରିଜା, ବିଚିତ୍ରାନନ୍ଦ ନାୟକ, ଅକ୍ଷୟ ପରିଡ଼ା,ଭଗବତପ୍ରେମୀ ବିକ୍ରମ ନାୟକ, ଶୈଳବାଳା ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲେଙ୍କାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ।ଶେଷରେ ସୁପୁତ୍ର ଗୁରୁ ଦତ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଆଦିବାସୀ ଦିବସରେ ଦୁଇଦିନିଆ ଫୁଟବଲ ମହୋତ୍ସବ : ରାଜ ଥ୍ରୀ ଟ୍ରିପଲ ଫାଇଭ୍ ଚାମ୍ପିଅନ

**ଯୋଡ଼ା, ୧୪।୮ (ନି.ପ୍ର):** ବିଶ୍ୱ ଆଦିବାସୀ ଦିବସ ଅବସରରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଲୋଇଡାପଦା ପଞ୍ଚାୟତର ଭୂୟାଁରୋଡ଼କଳାଠାରେ ଆଦିବାସୀ ହୋ ସମାଜ ସଂଗଠନ, ଲୋଇଡାପଦା ଓ ଏଲ୍.କେ.ବି. ଫୁଟବଲ କ୍ଲବ ପକ୍ଷରୁ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ଉତ୍ସାହ, ଉଦ୍ଦୀପନା ଓ କ୍ରୀଡ଼ା ଉନ୍ମାଦନାର ମାହୋଲ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବର୍ଷା ସତ୍ତ୍ୱେ ଖେଳ ଦେଖିବା ପାଇଁ ପଡ଼ିଆରେ ହଜାର ହଜାର କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତି, ଆଦିବାସୀ ପରମ୍ପରା ଓ ସାଂସ୍କୃତିକ ଭାବଧାରାକୁ ଗୁରୁତ୍ୱ ଦେଇ ଆୟୋଜିତ ଏହି କ୍ରୀଡ଼ା ଉତ୍ସବକୁ ନେଇ ସମଗ୍ର ଅଞ୍ଚଳରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା। ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଆଦିବାସୀ ସମାଜର ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ସେମାନଙ୍କ ଅବଦାନକୁ ଶ୍ରଦ୍ଧାର ସହ ସ୍ମରଣ କରିଥିଲେ। ଏହି ଅବସରରେ ସମାଜର ଐତିହ୍ୟ, ପରମ୍ପରା, ଭାଷା ଓ ସଂସ୍କୃତିର ସୁରକ୍ଷା ସହ ଆଗାମୀ ପିଢ଼ିକୁ ଶିକ୍ଷିତ, ସଚେତନ ଓ ସଶକ୍ତ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଯୁବପିଢ଼ିଙ୍କୁ ନିଶା ଓ ଅସାମାଜିକ କାର୍ଯ୍ୟକଳାପରୁ ଦୂରେ ରଖି କ୍ରୀଡ଼ା ମାଧ୍ୟମରେ ସେମାନଙ୍କ ପ୍ରତିଭାର ବିକାଶ କରିବା ଦିଗରେ ଏଭଳି ଆୟୋଜନର ଗୁରୁତ୍ୱ ରହିଥିବା ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ ଅଧ୍ୟକ୍ଷ କୋବିନ୍ଦ୍ର ନାଏକ, ସରପଞ୍ଚ ବିଳାସିନୀ ଓରାମ, ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ, ସମାଜସେବୀ ଜୁରିଆ ମୁଣ୍ଡା, ଅଶୋକ ନାଏକ, ଜମାଦାର ମୁଣ୍ଡା, ଲୋକନାଥ ଖିଲାର, ଟାଟା ଷ୍ଟିଲ ଫାଉଣ୍ଡେସନର ଦୀପକ ମହାନ୍ତଙ୍କ ସମେତ ଏଲ୍.କେ.ବି. ଫୁଟବଲ କ୍ଲବ ସଭାପତି ଗାନ୍ତାଇ ମୁଣ୍ଡା ଓ ସମ୍ପାଦକ ତପନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ ।ଅତିଥିମାନେ ନିଜ ଅଭିଭାଷଣରେ ଆଦିବାସୀ ସମାଜର ସାମଗ୍ରିକ ବିକାଶ, ଶିକ୍ଷାର ପ୍ରସାର, ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଏବଂ ସାମାଜିକ ଏକତାକୁ ସୁଦୃଢ଼



କରିବା ଦିଗରେ ସମସ୍ତଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ପରେ ଅତିଥିମାନେ ଆନୁଷ୍ଠାନିକ ଭାବେ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ ।ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ମ୍ୟାଚ୍ ?ରେ ଖେଳାଳିମାନଙ୍କ ଦକ୍ଷତା, ଶୃଙ୍ଖଳା, ଲଢୁଆ ମନୋଭାବ ଓ ଚମତ୍କାର ଫୁଟବଲ କୌଶଳ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏକାଧିକ ରୋମାଞ୍ଚକର ମୁକାବିଲା ପରେ ରାଜ ଥ୍ରୀ ଟ୍ରିପଲ ଫାଇଭ୍ ? ଓ ସତ୍ୟ ଏଲେଭେନ, ଲୋଇଡାପଦା ଦଳ ଫାଇନାଲରେ ସ୍ଥାନ ପକ୍କା କରିଥିଲେ। ଫାଇନାଲ ମ୍ୟାଚ୍ରେ ଉଭୟ ଦଳ ମଧ୍ୟରେ ଜୋରଦାର ମୁକାବିଲା ହୋଇଥିଲା। ମ୍ୟାଚ୍ର ଶେଷ ପର୍ଯ୍ୟନ୍ତ ଫଳାଫଳକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଥିଲା। ଶେଷରେ ରାଜ ଥ୍ରୀ ଟ୍ରିପଲ ଫାଇଭ୍ ଦଳ ଚିତ୍ତାକର୍ଷକ ପ୍ରଦର୍ଶନ କରି ଗୋଟିଏ ଗୋଲ୍ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା ।ଫାଇନାଲ ମ୍ୟାଚ୍କୁ ନେଇ ଦର୍ଶକଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଯାଇଥିଲା। ଲଗାଣ ବର୍ଷାକୁ ଖାତିର ନକରି ଅଞ୍ଚଳର ବିଭିନ୍ନ ସ୍ଥାନରୁ ହଜାର ହଜାର କ୍ରୀଡ଼ାପ୍ରେମୀ ଖେଳ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଦର୍ଶକଙ୍କ ତାଳି, ହୋହଲ୍ଲା ଓ ଉତ୍ସାହଭରା ସ୍ୱରରେ ସମଗ୍ର ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା। ପ୍ରତିଟି ଆକ୍ରମଣ, ଗୋଲ୍ ସୁଯୋଗ ଓ ଚମତ୍କାର ପ୍ରଦର୍ଶନରେ ଦର୍ଶକଙ୍କ ଉତ୍ସାହ ଖେଳର ରୋମାଞ୍ଚକୁ ଦ୍ୱିଗୁଣିତ କରିଥିଲା। ଖେଳ ପରିସମାପ୍ତି ପରେ ଅତିଥିମାନେ ବିଜେତା ରାଜ ଥ୍ରୀ ଟ୍ରିପଲ ଫାଇଭ୍ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଓ ଗୋଟିଏ ଖାସି ପ୍ରଦାନ କରିଥିଲେ। ସେହିପରି ରନର୍ସଅପ୍ ସତ୍ୟ ଏଲେଭେନ, ଲୋଇଡାପଦା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ଓ ଗୋଟିଏ ଖାସି ପୁରସ୍କାର ଦିଆଯାଇଥିଲା। ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଥିବା ଜୁନିୟର ପେଂଥର ଏବଂ ଏମ୍.ଆର.ଏଫ୍ସି ଦଳକୁ ମଧ୍ୟ ଖାସି ସହ ନଗଦ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଉଦ୍ଯାପନୀ ଦିବସରେ ନାଏବ ସରପଞ୍ଚ ତୁଷାର ନାଏକ, ପୂର୍ବତନ ସରପଞ୍ଚ ଚତୁର୍ଭୁଜ ନାଏକ, ସମାଜସେବୀ ରାମଚନ୍ଦ୍ର ନାଏକ, ଅଜୟ କୁମାର ମହାକୁଡ଼, ଗଣମାଧ୍ୟମ ପ୍ରତିନିଧି ଡିମ୍ପଲ ସାଣ୍ଡିଲ, ଲୋକନାଥ ଖିଲାର, ଶ୍ୟାମ ସୁନ୍ଦର ଓରାମ, ସୁମନ୍ତ ଘଣାଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କ୍ରୀଡ଼ାପ୍ରେମୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଦୁଇଦିନିଆ ଏହି ଫୁଟବଲ ପ୍ରତିଯୋଗିତାରେ କମେଣ୍ଟେଟର କ୍ଷୀରୋଦ ଗିରି ଓ ବୁଲବୁଲ ନିଜସ୍ୱ ଶୈଳୀରେ ଆକର୍ଷଣୀୟ ଓ ଜୀବନ୍ତ କମେଣ୍ଟ୍ରି ପ୍ରଦାନ କରି ଖେଳର ରୋମାଞ୍ଚ ଓ ଉତ୍ସାହକୁ ଆହୁରି ଦ୍ୱିଗୁଣିତ କରିଥିଲେ। ଏହି ଦୁଇଦିନିଆ କ୍ରୀଡ଼ା ଆୟୋଜନ କେବଳ ଫୁଟବଲ ପ୍ରତିଯୋଗିତାରେ ସୀମିତ ନରହି ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ, ଆଦିବାସୀ ସମାଜର ଏକତା, ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ଚେତନାକୁ ଅଧିକ ସୁଦୃଢ଼ କରିବାର ଏକ ସଶକ୍ତ ମାଧ୍ୟମ ଭାବେ ପରିଗଣିତ ହୋଇଥିଲା।

